ସକାଳ THE SAKALA



## ମୟୂରଭଞ୍ଜ ଜିଲ୍ଲାରେ ଓପିଏସ୍ ସ୍ତରରେ ଅଦଳବଦଳ

**ବାରିପଦା, ୩୧।୧(ସମିସ):** ଗୃହବିଭାଗ ପକ୍ଷରୁ ଓପିଏସ ସ୍ତରରେ ଅଦଳବଦଳ କରାଯାଇଛି। ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ମୟୂରଭଞ୍ଜ ଜିଲ୍ଲାର ଡିଆଇବି ଡିଏସପି ସୂର୍ଯ୍ୟନାରାୟଣ ଦାସଙ୍କ କନ୍ଧମାଳ ଜିଲ୍ଲାର ଡିଆଇବି ଡିଏସପି ଭାବେ ବଦଳି ହୋଇଛି। ତାଙ୍କ ସ୍ଥାନରେ କନ୍ଧମାଳ ଜିଲ୍ଲାର ଡିଆଇବି ଡିଏସପି ହୃଷିକେଶ ନାଏକଙ୍କ ବଦଳି ହୋଇଛି। ସେହିପରି ଗଞ୍ଜାମ ଜିଲ୍ଲାର ପିସିଆର ସେଲ ଡିଏସପି ମମତା ସାହୁଙ୍କୁ ମୟୂରଭଞ୍ଜ ଜିଲ୍ଲାର ଆଇୟୁସିଏଡବ୍ଲୁ ଡିଏସପି, ଖୋର୍ଦ୍ଧା ଜିଲ୍ଲାର ଡିଏସପି ନିରୁପମା ମଲ୍ଲିକଙ୍କୁ ମୟୂରଭଞ୍ଜ ଜିଲ୍ଲାର ଡିଏସପି, ମୟୂରଭଞ୍ଜ ଜିଲ୍ଲା ପିସିଆର ସେଲ ଡିଏସପି ସବିତା ମାଝୀଙ୍କୁ ଯାଜପୁର ଜିଲ୍ଲାର ପିସିଆର ସେଲ ଡିଏସପି, ମୟୂରଭଞ୍ଜ ଜିଲ୍ଲାର ଆଇୟୁସିଏଡବ୍ଲୁ ଡିଏସପି ସନାତନ ସାହୁଙ୍କୁ ବ୍ରହ୍ମପୁର ଆଇଏଏଚଟିୟୁ ଡିଏସପି, ମୟୂରଭଞ୍ଜ ଜିଲ୍ଲାର ଡିଏସପି ସୋମନାଥ ଜେନାଙ୍କୁ ସୁନ୍ଦରଗଡ଼ ଜିଲ୍ଲାର ଡିଏସପି ଭାବେ ବଦଳି କରାଯାଇଛି। ତେବେ ଉକ୍ତ ସ୍ଥାନରେ ଖୁବଶୀଘ୍ର ଯୋଗଦାନ କରିବା ପାଇଁ ନିର୍ଦ୍ଦେଶ ରହିଛି।

## ଅସ୍ତିଆ ପ୍ରିମିୟର ଲିଗ୍ ଉଦ୍‌ଯାପିତ; ଗୌତମ ଫାଇଟର ବିଜୟୀ



**ବାରିପଦା, ୩୧।୧(ସମିସ):** ଅସ୍ତିଆ ପ୍ରିମିୟର ଲିଗ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଟପା ଟୋପ-୧୧କୁ ୩୪ ରନରେ ହରାଇ ଗୌତମ ଫାଇଟର ବିଜୟୀ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବରେ ବାରିପଦା ପୌରପରିଷଦର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ଅମର ସେଠୀ ଯୋଗଦେଇ ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଛନ୍ତି। ଲିଗ ପରିଚାଳନାରେ ମହତବ୍ ଅଲି, ଅମରଜିତ୍ ସେଠୀ, ଏସକେ ଅନିଶ, ଆକାଶ ବେହେରା, ଅମିତ ସାହା, ଖୋକନ ଦାସ, ଟୁଟୁନ ଦାସ, ମାସନ ଦେଲେୟା, ପ୍ରଣବ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଅମ୍ପାୟାର ଭାବେ ରୂପନାରାୟନ ସେଠୀ ଏବଂ ଉତ୍ତମ ମହାକୁଡ଼ ପରିଚାଳନା କରିଥିଲେ। ପଙ୍କଜ ମହାକୁଡ଼ ଧାରା ବିବରଣୀ ଦେଇଥିଲେ।

## ଆଦର୍ଶ ଶିକ୍ଷକ ଭାସ୍କର ପାଠୀଙ୍କୁ ଶ୍ରଦ୍ଧାଞ୍ଜଳି



**ବାରିପଦା, ୩୧।୧(ସମିସ):** ଜାତୀୟ ଓ ରାଜ୍ୟ ପୁରସ୍କାରପ୍ରାପ୍ତ ଏମକେସି ହାଇସ୍କୁଲର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଭାସ୍କର ଚନ୍ଦ୍ର ପାଠୀଙ୍କ ବିୟୋଗରେ ଶିକ୍ଷକ ସମାଜ ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ପ୍ରଧାନଶିକ୍ଷକ ଅମିତାଭ ମିଶ୍ର, ଶିକ୍ଷକ ଆଶିଷ ରଞ୍ଜନ ବାସୁରୀ, ମୃତ୍ୟୁଞ୍ଜୟ ପ୍ରଧାନ, ପ୍ରତାପ ଚନ୍ଦ୍ର ଧଡା, ମହେଶ ସେଠୀ, ଶିକ୍ଷୟିତ୍ରୀ ନିବେଦିତା ନାଏକ, ଦେବସ୍ମିତା ମହାନ୍ତ, ସୁମିତ୍ରା ତରାଇ, ମିଲି ମହାନ୍ତ, ଲକ୍ଷ୍ମୀ କୁମାରୀ ପ୍ରମୁଖ ସ୍ୱର୍ଗତ ପାଠୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ତାଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅମର ଆତ୍ମାକୁ ସମ୍ମାନ ପ୍ରଦର୍ଶନ ପୂର୍ବକ ନୀରବ ପ୍ରାର୍ଥନା କରାଯାଇଥିଲା। ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସ୍ୱର୍ଗତ ପାଠୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ତାଙ୍କ ବିୟୋଗରେ ମୟୂରଭଞ୍ଜ ଶିକ୍ଷକ ସମାଜ ଜଣେ ଉଚ୍ଚକୋଟୀର ଶିକ୍ଷାବିତ୍‌ଙ୍କୁ ହରାଇଲା ବୋଲି ମତପ୍ରକାଶ ପାଇଛି।

● ମର୍ଣ୍ଣପୁରମ୍ ସ୍ୱର୍ଣ୍ଣ ବନ୍ଧକ ସଂସ୍ଥାରୁ ଡକାୟତି ଉଦ୍ୟମ ବିଫଳ

# ସାଇରନ୍ ବାଜିବାରୁ ଖସି ପଳାଇଲେ ଡକାୟତ

**ବାରିପଦା, ୩୧।୧(ସମିସ)**




ସ୍ପଷ୍ଟ ଦିବାଲୋକରେ ବାରିପଦା ସହର ମଧ୍ୟରୁ ପୁଣି ଡକାୟତି କରିବାର ଉଦ୍ୟମ ବିଫଳ ହୋଇଛି। ବୁଧବାର ସକାଳ ସମୟରେ ବାରିପଦା ଟାଉନ ଥାନା ଅନ୍ତର୍ଗତ ଷ୍ଟେସନ ବଜାର ଅଞ୍ଚଳରେ ଥିବା ମର୍ଣ୍ଣପୁରମ ସ୍ୱର୍ଣ୍ଣ ବନ୍ଧକ ସଂସ୍ଥାର ବ୍ୟାଙ୍କ କାର୍ଯ୍ୟାଳୟରୁ କିଛିଦିନ ବ୍ୟବଧାନ ପରେ ପୁଣି ଡକାୟତି ଉଦ୍ୟମ କରି ଦୁର୍ବୃତ୍ତମାନେ ବିଫଳ ହୋଇଛନ୍ତି। ଶେଷରେ ବ୍ୟାଙ୍କ ସୁରକ୍ଷା ସାଇରନ ବାଜିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ବୁଧବାର ସକାଳେ ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ଖୋଲିବା ପରେ ପ୍ରାୟ ୧୦ ବେଳେ ସ୍ୱର୍ଣ୍ଣ ବନ୍ଧକ ରଖି ଋଣ ନେବାକୁ ଦୁଇ ଜଣ ଆସିଥିଲେ। ଏହାର କିଛି ସମୟ ପରେ ଅନ୍ୟ ଦୁଇ ଜଣ ହେଲମେଟ ପିନ୍ଧି ହାତରେ ବନ୍ଧୁକ ଧରି ଶାଖା କାର୍ଯ୍ୟାଳୟ ମଧ୍ୟକୁ ପ୍ରବେଶ କରିଥିଲେ। ପୂର୍ବରୁ ଭିତରେ ଥିବା ଦୁଇଜଣ ମଧ୍ୟ ବନ୍ଧୁକ ଧରିଥିଲେ। ପରେ ଚାରି ଜଣଯାକ ବନ୍ଧୁକଧାରୀ କର୍ମଚାରୀଙ୍କୁ ମାରପିଟ୍ କରିଥିଲେ। ଏହାକୁ ଦେଖି ଅନ୍ୟ ଗ୍ରାହକ ଓ କର୍ମଚାରୀମାନେ ଭୟଭୀତ ହୋଇଯାଇଥିଲେ। ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ଆକ୍ରମଣ କରିବା ସହିତ କିଛି ସମୟ ପାଇଁ ବ୍ୟାଙ୍କ ମଧ୍ୟରେ ଆତଙ୍କ ଖେଳାଇଥିଲେ। ବନ୍ଧୁକ ମୁନରେ କର୍ମଚାରୀଙ୍କୁ ଭୟଭୀତ କରି ବନ୍ଧକ ଥିବା ସ୍ୱର୍ଣ୍ଣ ଅଳଙ୍କାର ଓ ଟଙ୍କାକୁ ତୁରନ୍ତ ଦେବାକୁ କହିଥିଲେ। ତେବେ ଏହି ସମୟରେ ଦୁଇ ଜଣ କର୍ମଚାରୀ ଉପସ୍ଥିତ ବୁଦ୍ଧି ଖଟାଇ ବାଥରୁମ ମଧ୍ୟରେ ଥିବା ସୁରକ୍ଷା ସାଇରନ ସୁଇଚକୁ ଚିପି ଦେଇଥିଲେ। ଫଳରେ ଜୋରରେ ସାଇରନ ବାଜିବାରୁ ୪ଜଣଯାକ ଡକାୟତ ଘଟଣାସ୍ଥଳରୁ ଖସି ପଳାଇଥିଲେ। ଫଳରେ ସେମାନଙ୍କ ଏକ ବଡ଼ ଡକାୟତି ବିଫଳ ହୋଇଯାଇଥିଲା। ପରେ ଏନେଇ କର୍ମଚାରୀମାନେ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଅଚିହ୍ନା ହୋଇଥିବା ବେଳେ ବ୍ୟାଙ୍କ ଭିତରେ ସେମାନଙ୍କ ସମସ୍ତ ଭିଡିଓ ସିସି ଟିଭିରେ କଏଦ ହୋଇଛି। ତେବେ ଡ଼କାୟତମାନେ ଓଡ଼ିଆରେ କଥାବାର୍ତ୍ତା କରୁଥିବାର କର୍ମଚାରୀମାନେ ପ୍ରକାଶ କରିଛନ୍ତି। ପୁଲିସ ପକ୍ଷରୁ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ସୂଚନାଯୋଗ୍ୟ ଯେ, ଗତ ଡିସେମ୍ବର ୨୭ତାରିଖରେ ଉକ୍ତ ଶାଖାରୁ ଅନୁରୂପ ଭାବେ ଡକାୟତମାନେ ବନ୍ଧୁକ ଦେଖାଇ ଡକାୟତି ଉଦ୍ୟମ କରିଥିଲେ। କିନ୍ତୁ ସୁରକ୍ଷା ସାଇରନ ବାଜିବାରୁ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତେବେ ଆଜିଯାଏ ସେମାନଙ୍କୁ ଧରିବାରେ ପୁଲିସ ବିଫଳ ହୋଇଛି। ସହରରେ ଅପରାଧିକ କାର୍ଯ୍ୟକଳାପକୁ ଦେଖି ୨୪ଘଣ୍ଟିଆ ପାଟ୍ରୋଲିଂ କରିବାକୁ ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

## ଜିଲ୍ଲାପାଳଙ୍କ ପିଆର୍‌ଏମ୍ ହସ୍ପିଟାଲକୁ ଅଚାନକ ପରିଦର୍ଶନ

**ବାରିପଦା, ୩୧।୧(ସମିସ)**



ମୟୂରଭଞ୍ଜ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଆଶିଷ ଠାକରେ କାର୍ଯ୍ୟରେ ଯୋଗଦାନ କରିବା ପରେ ଜିଲ୍ଲାର ସ୍ୱାସ୍ଥ୍ୟ ସେବା ପ୍ରତି ଧ୍ୟାନ ଦେଇଛନ୍ତି। ଗତକାଲି ରାତିରେ ହଠାତ୍ ସେ ଜିଲ୍ଲା ସଦର ମହକୁମା ବାରିପଦା ସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କରିଛନ୍ତି। ରାତିରେ ଅଚାନକ ଭାବେ ହସ୍ପିଟାଲରେ ପହଞ୍ଚି କିପରି ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି, ସେନେଇ ଅନୁଧ୍ୟାନ କରିଛନ୍ତି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ରାଜ୍ୟ ସରକାର ବିଭିନ୍ନ ମହତକାଂକ୍ଷୀ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ତାହା କିପରି କାର୍ଯ୍ୟକାରୀ ହେଉଛି ଏବଂ ରୋଗୀମାନେ ଠିକଭାବେ ସ୍ୱାସ୍ଥ୍ୟ ସେବା ପାଉଛନ୍ତି କି ନାହିଁ ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ୧୮୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ ଚିକିତ୍ସାଧୀନ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ଏଥିସହିତ ହସ୍ପିଟାଲରେ ରାତ୍ରିକାଳୀନ ଡିଉଟିରେ ଥିବା ଡାକ୍ତରମାନଙ୍କ ଉପସ୍ଥିତି ନେଇ ମଧ୍ୟ ଅନୁଧ୍ୟାନ କରିଛନ୍ତି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଠିକ ଚିକିତ୍ସା ସୁବିଧା ଯୋଗାଇବା ପାଇଁ ଜିଲ୍ଲା ପ୍ରଶାସନ ସର୍ବଦା ସଚେତନ ରହିଛି ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ କହିଛନ୍ତି।

## ପ୍ରେରଣା ପୋର୍ଟାଲରେ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ନାମ ଦୃଶ୍ୟମାନ ହେଉନି

● ଆବେଦନ କରି ନ ପାରି ଛାତ୍ରଛାତ୍ରୀ ନିରାଶ ●

**ବାରିପଦା, ୩୧।୧(ସମିସ):** ସମ୍ପ୍ରତି ସବୁ ଜିଲ୍ଲାରେ ଅନୁଦାନ ଏବଂ ଅଣଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟରେ ବହୁ ମେଧାବୀ ଓ ଗରିବ ଛାତ୍ରଛାତ୍ରୀ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ନାମ ଲେଖାଉଛନ୍ତି। ପ୍ରେରଣା ପୋର୍ଟାଲରେ ଆବେଦନର ଶେଷ ତାରିଖ ଫେବୃୟାରୀ ୫ତାରିଖ ରହିଛି; କିନ୍ତୁ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ପୋର୍ଟାଲରେ ଆବେଦନ କଲାବେଳେ ସେମାନଙ୍କର ମହାବିଦ୍ୟାଳୟର ନାମ ଦୃଶ୍ୟମାନ ହେଉନାହିଁ। ତେଣୁ ବର୍ତ୍ତମାନ ମେଧାବୀ ଓ ଗରିବ ଛାତ୍ରଛାତ୍ରୀ ଷ୍ଟାଇପେଣ୍ଡ ନିମନ୍ତେ ଆବେଦନ କରିପାରୁନାହାନ୍ତି। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମହାବିଦ୍ୟାଳୟମାନଙ୍କ ସ୍ଥାୟୀ ସ୍ୱୀକୃତି ପ୍ରଦାନ କରିଥିବା ବେଳେ ଷ୍ଟାଇପେଣ୍ଡ ନିମନ୍ତେ ଆବେଦନ କରିବାକୁ ସୁଯୋଗ ନ ଦେବା ଦୁଃଖର କଥା ବୋଲି ପୂର୍ବତନ ବିଧାୟକ କିଶୋର ଦାଶ କହିଛନ୍ତି। ଗୋଟିଏ ପଟେ ରାଜ୍ୟ ସରକାର ନୂଆ ଓଡ଼ିଶା କାର୍ଯ୍ୟକ୍ରମରେ ଯୁବ ପ୍ରତିଭାର ବିକାଶ ପାଇଁ ଆଗେଇ ଆସିଥିବା ବେଳେ ଅଣଅନୁଦାନ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ବୃତ୍ତି ପାଇଁ ଆବେଦନ କରି ନ ପାରିବା ଦୁର୍ଭାଗ୍ୟର ବିଷୟ ବୋଲି ସେ କହିଛନ୍ତି। ତେଣୁ ରାଜ୍ୟ ସରକାର ତୁରନ୍ତ ଆବେଦନର ଶେଷ ତାରିଖ ଫେବୃୟାରୀ ୨୫ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇବା ସହିତ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଷ୍ଟାଇପେଣ୍ଡ ଆବେଦନ ନିମନ୍ତେ ସୁଯୋଗ ଦେବାକୁ ଶ୍ରୀ ଦାଶ ଦାବି କରିଛନ୍ତି। ନଚେତ୍ ଆବେଦନରୁ ବଞ୍ଚିତ ଛାତ୍ରଛାତ୍ରୀ ଜିଲ୍ଲପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦେବେ ବୋଲି ସେ ସୂଚନା ଦେଇଛନ୍ତି।

● 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

## ଭାଗନେଲେ ଶିଳ୍ପ ତାଲିମ ଅନୁଷ୍ଠାନର ଛାତ୍ରଛାତ୍ରୀ

**ବାରିପଦା, ୩୧।୧(ସମିସ):** ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ଓ ଜଗନ୍ନାଥ ସଂସ୍କୃତି ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ ଆଞ୍ଚଳିକସ୍ତରୀୟ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଉଦଯାପନ ଉତ୍ସବ ତକତପୁର ଟିଟିଆଇରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ୨ ଦିନ ଧରି ଚାଲିଥିଲା । ପ୍ରତିଯୋଗିତାରେ ମୟୂରଭଞ୍ଜ, କେଉଁଝର, ବାଲେଶ୍ୱର ଓ ଭଦ୍ରକ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ୨୨ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ସାହିତ୍ୟ ପରିଷଦର ସମ୍ପାଦକ ମନୋଜ ଦଳବେହେରା, ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପିକା ଡ଼କ୍ଟର ରୀନା ମୁର୍ମୁ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ତକତପୁର ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷ ଇଂ. ସୁରେଶ ଚନ୍ଦ୍ର ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ତାଲିମ ଅଧିକାରୀ ବିଳାସିନୀ ଦାସ ମଞ୍ଚ ପରିଚାଳନା କରିଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର



**ବାରିପଦା, ୩୧।୧(ସମିସ):** ମଙ୍ଗଳବାର ବାରିପଦା ସହରର ୨୫ନଂ. ୱାର୍ଡ ଷ୍ଟେସନବଜାର ପଡିଆରେ ପୌର ପରିଷଦ ପକ୍ଷରୁ ଆମ ଓଡିଶା ନବୀନ ଓଡିଶା (ସହରୀ) ସପ୍ତମ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସହରାଞ୍ଚଳର ବିକାଶ, ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ଡିଜିଟାଲ ମାଧ୍ୟମରେ ପର୍ଯ୍ୟବେକ୍ଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧିକାରୀ, ନିର୍ବାଚିତ ଲୋକ ପ୍ରତିନିଧି ଏବଂ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ୫ ଗୋଟି ଷ୍ଟଲ୍ କରାଯାଇ ଜନ ସାଧାରଣଙ୍କୁ ସଚେତନତ କରାଯାଇଥିଲା। ଶିବିରରେ ପୌର ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀଙ୍କ ସମେତ ୧୨, ୧୩, ୨୫ ଓ ୨୮ ୱାର୍ଡରୁ ଅଧିବାସୀ ଏବଂ କାଉନସିଲର ମହେଶ ଭଞ୍ଜଦେଓ, ଶ୍ରୀମାତ ମୁର୍ମୁ, ଦେବାଶିଷ ପାତ୍ର ଓ ଜିତା ସିଂ ପ୍ରମୁଖ ଉପସ୍ଥିତ ଥିଲେ। ୱାର୍ଡର ବିକାଶ ହୋଇଥିବା ନେଇ ବକ୍ତବ୍ୟ ରଖିଥିଲେ। ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିବା ସହିତ ପୌରପାଳିକା ଅଧୀନରେ ଥିବା ଉନ୍ନତି ମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଶିବିରରେ କନିଷ୍ଠ ଯନ୍ତ୍ରୀ, ସିଟି ମିଶନ ମ୍ୟାନେଜର, କମ୍ୟୁନିଟି ଅର୍ଗାନାଇଜର, ସାନିଟେସନ ଏକ୍ସପର୍ଟ ଏବଂ ପୌରପାଳିକାର ଅନ୍ୟ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ପିଆରଏମ୍‌ରେ ମିଶନ ଶକ୍ତି କାଫେ ଉଦ୍‌ଘାଟିତ



**ବାରିପଦା, ୩୧।୧(ସମିସ):** ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ ପରିସରରେ ବୁଧବାର ମିଶନ ଶକ୍ତି କାଫେ ଉଦ୍‌ଘାଟିତ ହୋଇଯାଇଛି। ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୌର ନିର୍ବାହୀ ଅଧିକାରୀ ବସନ୍ତ ସେଠୀ ଓ ଉପନଗରପାଳ ସୀମା ଦାସ ଆନୁଷ୍ଠାନିକ ଭାବେ ଏହି କାଫେର ଶୁଭାରମ୍ଭ କରିଛନ୍ତି। ମିଶନ ଶକ୍ତି ମୁଖ୍ୟମନ୍ତ୍ରୀଙ୍କ ମହିଳା ସଶକ୍ତି କରଣର ଏକ ସଫଳ ପରିକଳ୍ପନା। ସ୍ୱରୋଜଗାରକ୍ଷମ ଉଦ୍ଦେଶ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନେ ଏବେ ଉଦାହରଣ ପାଲଟିଛନ୍ତି। ଏହି କାଫେ ବାରିପଦାର ସାଇ କ୍ରିଷ୍ଣା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ହେବ। ଡାକ୍ତରଖାନାର ରୋଗୀ ଓ ସହାୟକଙ୍କୁ ଉଚିତ ମୂଲ୍ୟରେ ସକାଳ ଜଳଖିଆଠାରୁ ଆରମ୍ଭ କରି ରାତ୍ରିଭୋଜନ ପର୍ଯ୍ୟନ୍ତ ସମସ୍ତ ଖାଦ୍ୟ ସୁଲଭ ମୂଲ୍ୟରେ ଯୋଗାଇବ। ସହରରେ ଆଗକୁ ଆହୁରି ୧୦ଟି ମିଶନ ଶକ୍ତି କାଫେ କାର୍ଯ୍ୟ କରିବ ବୋଲି ନଗରପାଳ କହିଛନ୍ତି। ଉଦଘାଟନୀ ଉତ୍ସବରେ ପୌରପାଳିକାର ସମସ୍ତ କାଉନସିଲର ଓ ଆମନ୍ତ୍ରିତ ଅତିଥି ଉପସ୍ଥିତ ଥିଲେ।

● ବିଶ୍ୱବିଦ୍ୟାଳୟରେ ତ୍ରିଦିବସୀୟ ଓଡ଼ିଆ ଭାଷା ସାହିତ୍ୟ କାର୍ଯ୍ୟକ୍ରମ ଉଦ୍‌ଯାପିତ

# ବହୁ ଭାଷାବିତ୍ ଓ ସାହିତ୍ୟିକଙ୍କ ଯୋଗଦାନ

**ବାରିପଦା, ୩୧।୧(ସମିସ):**




ରାଜ୍ୟ ସରକାରଙ୍କ ଦ୍ୱାରା ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ତ୍ରିଦିବସୀୟ ଓଡ଼ିଆ ଭାଷା ସାହିତ୍ୟ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଅତିଥିଭାବେ ଡ. ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଓ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ନୋଡାଲ ଅଫିସର ପ୍ରଫେସର କବିତା କୁମାରୀ ସାହୁ ସ୍ୱାଗତ ଭାଷଣ ଓ କୁଳସଚିବ ସହଦେବ ସମାଧିଆ ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଡ. ପ୍ରିୟଦର୍ଶିନୀ ସଂଘମିତ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ଆଲୋଚନାଚକ୍ରର ପ୍ରଥମ ଅଧିବେଶନରେ 'ମୟୂରଭଞ୍ଜରେ ଓଡ଼ିଆ ଲୋକ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ରରେ ଡ. ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ପୌରୋହିତ୍ୟ କରିଥିଲେ। ଆଲୋଚକ ଭାବେ ମୟୂରଭଞ୍ଜ ସାହିତ୍ୟ ପରିଷଦର ସଂପାଦକ ମନୋଜ ଦଳବେହେରା, ବାରିପଦା ସ୍ନାତକ ମହାବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପିକା ଡ. ପଦ୍ମଶ୍ରୀ ଦାସ, ଶ୍ରୀରାମଚନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଅଧ୍ୟକ୍ଷା ନାରୀକବି ଅସୀମା ସାହୁ ଯୋଗ ଦେଇଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ 'ଓଡ଼ିଆ ଭାଷା ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା' ଶୀର୍ଷକ ଆଲୋଚନାଚକ୍ରରେ ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ବବ୍ରୁବାହନ ମହାପାତ୍ର ପୌରହିତ୍ୟ କରିଥିଲେ। ଆଲୋଚକ ଭାବେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ପ୍ରବଚକ ଭାଗବତ ପଣ୍ଡା ଆଲୋଚନା କରିଥିଲେ। ସନ୍ଧ୍ୟାରେ ଛାତ୍ରଛାତ୍ରୀ ଓ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଅଧ୍ୟାପିକା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ତୃତୀୟ ଦିବସର ଆଲୋଚନାଚକ୍ରର ପ୍ରଥମ ଅଧିବେଶନରେ 'ଓଡ଼ିଆ ଭାଷା-ସାହିତ୍ୟର ସମୃଦ୍ଧି ପାଇଁ ଅନୁଚିନ୍ତା' ଶୀର୍ଷକ ଆଲୋଚନାଚକ୍ରରେ ପ୍ରଫେସର ପ୍ରଫେସର ବବ୍ରୁବାହନ ମହାପାତ୍ର ପୌରୋହିତ୍ୟ କରିଥିଲେ। ଆଲୋଚକ ଭାବେ ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରା, ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ପ୍ରୟୋଗ ବିଭାଗର ସହକାରୀ ପ୍ରଫେସର ଡ. ସ୍ୱରୂପାନନ୍ଦ ବିଷୟୀ, ବେତନଟୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରମାକାନ୍ତ ସିଂ ଓ ବିଶ୍ୱବିଦ୍ୟାଳୟ ଓ?ଆ ବିଭାଗର ସହକାରୀ ପ୍ରଫେସର ଡ. ଶିଶିର ବେହେରା ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧି ପାଇଁ ଛାତ୍ରଛାତ୍ରୀଙ୍କ ଅଭିମତ, ଅନୁଚିନ୍ତନ ଓ ପ୍ରସ୍ତାବନା ମାନ ଗ୍ରହଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ଡ. କମଳ ଲୋଚନ ବାରିକ, ଡ. ପୁଷ୍ପାଞ୍ଜଳି ପରିଡ଼ା, ଡ. ମୋନାଲି ଗୋସ୍ୱାମୀ, ଡ. କୁକୁ ମହାପାତ୍ର, ଡ. ବିଷ୍ଣୁପ୍ରିୟା ହାଁସଦା, ଡ. ପ୍ରିୟଙ୍କା ଦାସ, ଡ. ସୀତାରାମ ଦାସ, ଡ. ଶାନ୍ତିସ୍ୱରୁପ ବସା, ଡ. ବିଚିତ୍ରନାଥ ସାହୁ, ରାଜକୁମାର ପାତ୍ର, ଡ. ବିନ୍ଧେଶ୍ୱରୀ କଳିଆ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ଭାଷାବିତ୍, ସାହିତ୍ୟିକ, ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

## ବ୍ଲକସ୍ତରୀୟ ଜନଜାତି କ୍ରୀଡ଼ା ଉତ୍ସବ

**ବାରିପଦା, ୩୧।୧(ସମିସ):** ବ୍ଲକସ୍ତରୀୟ ଜନଜାତି କ୍ରୀଡା ଉତ୍ସବ ଅବସରରେ ଦୁଇଦିନ ଧରି ଦୌଡ଼କୁଦ ଓ ଫୁଟବଲ୍ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ପାଇଁ ପିଲାମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିବା ବେଳେ ଜିଲ୍ଲାର ଜନସାଧାରଣଙ୍କ ମଧ୍ୟରେ ବହୁତ୍ ଆଦୃତ ଲାଭ କରିଛି। ସମସ୍ତ ଫୁଟବଲ ଖେଳାଳିଙ୍କ ପାଇଁ ଜର୍ସି, ଟ୍ରାକସୁଟ୍ ଓ ବ୍ୟାଗ୍ ଯୋଗାଇ ଦିଆଯାଇଥିବାବେଳେ କୃତୀ ପ୍ରତିଯୋଗୀଙ୍କ ପାଇଁ ନଗଦ ପୁରସ୍କାର ରାଶି ସହିତ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଛି। ଏହି ପ୍ରତିଯୋଗିତାରୁ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ଜିଲ୍ଲାସ୍ତରୀୟ ପାଇଁ ଚୟନ କରାଯାଇଛି। ଆସନ୍ତା ଫେବୃଆରୀ ମାସରେ ୨୬ଟି ବ୍ଲକ ମଧ୍ୟରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେବ। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନୋଡାଲ ପିଇଟି, କ୍ରୀଡା ଶିକ୍ଷକ ଓ ଅନ୍ୟାନ୍ୟ ପଦାଧିକାରୀଙ୍କ ସହାୟତାରେ ଏହି ଉତ୍ସବ ପରିଚାଳିତ ହୋଇଥିଲା।



ସକାଳ
THE SAKALA



ମୌଳିକ ସୁବିଧାରୁ ବଞ୍ଚିତ

# ବ୍ଲକ କାର୍ଯ୍ୟାଳୟ ଘେରିଲେ ଶତାଧିକ ଗ୍ରାମବାସୀ

ତେଲକୋଇ, ୩୧।୧(ସମିସ)




କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକରେ ବସବାସ କରୁଥିବା ଆଦିମ ଜୁଆଙ୍ଗ ଜନଜାତି ସରକାରୀ ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ ଆଣି ଆଜି ବ୍ଲକ୍ କାର୍ଯ୍ୟାଳୟ ଘେରଉ କରିଥିବା ଜଣାପଡ଼ିଛି। ଆକୁଳ ପଞ୍ଚାୟତ ଖଜୁରୀଆ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ନେଇ ଅଭିଯୋଗ ଆଣି ଏକ ଅଭିଯୋଗ ପତ୍ର ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ବହୁ ଅଯୋଗ୍ୟ ହିତାଧିକାରୀ ତଞ୍ଚକତା କରି ଆବାସ ଯୋଜନା ହାତେଇ ଥିବାବେଳେ ଯୋଗ୍ୟ ଜୁଆଙ୍ଗ ଜନଜାତିଙ୍କୁ ବ୍ଲକ ପ୍ରଶାସନ ଆବାସ ଯୋଜନାରୁ ବାଦ୍ ଦେଇଛି। ଜୁଆଙ୍ଗଙ୍କ ଉନ୍ନତି ପାଇଁ ସ୍ୱତନ୍ତ୍ର ଭାବେ ଜୁଆଙ୍ଗ ଉନ୍ନୟନ ସଂସ୍ଥା କାର୍ଯ୍ୟ କରୁଥିବା ବେଳେ ଉକ୍ତ ସଂସ୍ଥା ବାସ୍ତବରେ ଜୁଆଙ୍ଗଙ୍କ ପାଇଁ ଆଖି ବୁଜି ଦେଇଥିବା ଆଦିମ ଜୁଆଙ୍ଗ ଜନଜାତି ଅଭିଯୋଗ ଆଣିଛନ୍ତି। ଆବାସ ସମସ୍ୟାକୁ ନେଇ ଜୁଆଙ୍ଗ ଜନଜାତି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ପାଇନାହିଁ। ପୂର୍ବରୁ ସରପଞ୍ଚ ଙ୍କ ଠାରୁ ଆରମ୍ଭ କରି ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲାପାଳ ଓ ଜୁଆଙ୍ଗ ଉନ୍ନୟନ ସଂସ୍ଥାର ଅଧିକାରୀଙ୍କୁ ସଠିକ୍ ତଦନ୍ତ କରି ଆବାସ ଗୃହ ପ୍ରଦାନ ପାଇଁ ବହୁବାର ଦାବି କରିଥିଲେ ସୁଦ୍ଧା କେହି ତାଙ୍କ ଅଭିଯୋଗ କୁ ଶୁଣୁ ନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପୁଣି ଆଜି ଖଯୁରିଆ ଗ୍ରାମର ହଡ଼ିଆ ଜୁଆଙ୍ଗ, ମୁରଲୀ ଜୁଆଙ୍ଗ, ଗୋପୀ ଜୁଆଙ୍ଗ, କାଳିଆ ଜୁଆଙ୍ଗ,ଧରଣୀ ଜୁଆଙ୍ଗ, ଜିତୁ ଜୁଆଙ୍ଗ, ଚୌବନ୍ ଜୁଆଙ୍ଗଙ୍କ ସମେତ ସମସ୍ତ ଗ୍ରାମବାସୀ ସାମିଲ ହୋଇଥିଲେ।

## ମହୋତ୍ସବ ପଡ଼ିଆରୁ ୨ ବାଇକ୍ ଚୋରି

**ଯୋଡା, ୩୧।୧ (ସମିସ):** ଗତ କିଛି ଦିନହେବ ଯୋଡ଼ା ସହର ଅଶାନ୍ତ ହୋଇ ପଡିଛି। ୩ଦିନ ଧରି ଯୋଡ଼ା ମହୋତ୍ସବ ଧୁମ୍‌ଧାମରେ ପାଳନ ହୋଇଥିବା ବେଳେ ସୋମବାର ବିଳମ୍ବିତ ରାତିରେ ଏହା ଉଦ୍‌ଯାପିତ ହୋଇଛି। ଲୋକେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ମସଗୁଲ ଥିବା ବେଳେ ଏହାରି ମୌକାରେ ଦୁର୍ବୃତ୍ତ ମାନେ ୨ଟି ବାଇକ୍ ଧରି ଚମ୍ପଟ ମାରିଥିବା ଯୋଡା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ କରିଥିବା ୨ଜଣ ହେଲେ ଜଗନ୍ନାଥ ପାଣିଗ୍ରାହୀ ଓ ଏମଡି ୱାସିମ୍। ସେମାନେ ତାଙ୍କ ବାଇକ ନଂ.ଓଡି ୦ ୯କେ ୩୪୪୮ ଓ ଓଡି ୦୯ ଏ ୪୬୭୯କୁ ବାହାରେ ରଖି ଭିତରେ କାର୍ଯ୍ୟକ୍ରମ ଦେଖୁଥିଲେ। ପରେ ବାହାରକୁ ଆସି ଘରକୁ ଯିବା ସମୟରେ ତାଙ୍କ ବାଇକ ୨ଟି ନଥିବା ଜଣାପଡିଥିଲା।

## ଅସହାୟଙ୍କୁ ବଣ୍ଟାଗଲା ୪୦ ହଜାର କମ୍ବଳ



**ଚମ୍ପୁଆ, ୩୧।୧(ସମିସ):** ଦିନକୁ ଦିନ ଜାଡ ସାଙ୍ଗକୁ ଘନ କୁହୁଡି ଚମ୍ପୁଆ ଅଞ୍ଚଳର ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଥିବା ବେଳେ ଅସହାୟମାନଙ୍କୁ ଏହି ଜାଡରୁ ରକ୍ଷା କରିବା ପାଇଁ ସହାୟତାର ହାତ ବଢାଇଛି ଜଗତଜନନୀ ସେବା ଟ୍ରଷ୍ଟ। ଟ୍ରଷ୍ଟ ମୁଖ୍ୟ ତଥା ପୂର୍ବତନ ବିଧାୟକ ସନାତନ ମହାକୁଡଙ୍କ ନିର୍ଦ୍ଦେଶ କ୍ରମେ ବାର୍ଦ୍ଧକ୍ୟରେ ଉପନିତ ହୋଇଥିବା ବୃଦ୍ଧ ବୃଦ୍ଧାଙ୍କୁ ୪୦ ହଜାର କମ୍ବଳ ବଣ୍ଟା ଯାଇଛି। ଚମ୍ପୁଆ ବ୍ଲକର ୨୨ ଗୋଟି ପଞ୍ଚାୟତ ଓ ଏନ୍‌ଏସିର ୧୩ ଗୋଟି ୱାର୍ଡର ଜନସାଧାରଣଙ୍କୁ ଏହା ବଣ୍ଟା ଯାଇଥିବା ଚମ୍ପୁଆ ଜଗତ ଜନନୀ ସେବା ଟ୍ରଷ୍ଟ ଶାଖା ସଦସ୍ୟ ଗଣେଶ ଖିଲାର ସୂଚନା ଦେଇଛନ୍ତି। ପୂର୍ବରୁ ଏହି ଟ୍ରଷ୍ଟ ମାଧ୍ୟମରେ ଜିଲା ତଥା ଜିଲ୍ଲା ବାହାରର ରୋଗୀ ମାନଙ୍କୁ ଉନ୍ନତ ଚିକିତ୍ସା ସୁବିଧା ଯୋଗାଇ ଦେବା, ବିଭିନ୍ନ ଗ୍ରାମାଞ୍ଚଳରେ ନଳ କୂପ ଖୋଳି ଗ୍ରାମ ବାସୀଙ୍କ ଜଳ କଷ୍ଟ ଦୂର କରିବା, ଚାଷୀଙ୍କୁ ସାର, ବିହନ ଆଦି ମାଗଣା ପ୍ରଦାନ କରିବା କାର୍ଯ୍ୟ କରାଯାଇଛି। ଆଗକୁ ଏହି ସବୁ ସେବା କାର୍ଯ୍ୟ ଚାଲୁ ରହିବ ବୋଲି ସଦସ୍ୟ ଶ୍ରୀ ଖିଲାର ସୂଚନା ଦେଇଛନ୍ତି।

## ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ତୁରୁମୁଙ୍ଗା,୩୧।୧(ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ବଡବିଲ ଓ ରାଇଡ଼ିହା ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡ଼ବିଲ ଗ୍ରାମ ପଞ୍ଚାୟତରେ ମୁଖ୍ୟଅତିଥି ଭାବେ ସାହାରପଡା ତହସିଲଦାର ପରମାନନ୍ଦ ଖଣ୍ଡେଇ ଏବଂ ରାଇଡିହା ଗ୍ରାମ ପଞ୍ଚାୟତରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାଧବଚନ୍ଦ୍ର ବିରୁଆ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖି ଯୋଜନା ଗୁଡିକରେ କିପରି ହିତାଧିକାରୀମାନେ ଯୋଡ଼ି ହୋଇ ସୁବିଧା ସୁଯୋଗ ନେଇପାରିବେ ସେନେଇ ଅତିଥିମାନେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଆମ ପଞ୍ଚାୟତର ବିକାଶ ପତ୍ରିକା ଉନ୍ମୋଚନ କରାଯାଇ ସଚେତନତା ପାଇଁ ସଭାରେ ଉପସ୍ଥିତ ଥିବା ଲୋକ ମାନଙ୍କୁ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବଡ଼ବିଲ ପଞ୍ଚାୟତ ସରପଞ୍ଚ ସୁଭଦ୍ରା ନାଏକ, ରାଇଡିହା ପଞ୍ଚାୟତ ସରପଞ୍ଚ ବିଜୁ ନାଏକ, ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ପଲାଇ, କନିଷ୍ଠ ଯନ୍ତ୍ରୀ, ମନୋଜ କୁମାର ରାଉତ, କନିଷ୍ଠ ଯନ୍ତ୍ରୀ ମଧୁସୂଦନ ପାତ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ ରମାକାନ୍ତ ମହାନ୍ତା, ଯତୀନ୍ଦ୍ର ପାତ୍ର, ବଡ଼ବିଲ ଏମ୍‌ବିକେ ମମତା ମହାନ୍ତ, ରାଇଡିହା ଏମ୍‌ବିକେ ମନ୍ଦୋଦରି ମହାନ୍ତ ଏବଂ ସିଆରପିମାନେ ଯୋଗ ଦେଇଥିବା ବେଳେ ଉଭୟ ଗ୍ରାମ ପଞ୍ଚାୟତରେ ହଜାର ହଜାର ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ପାଲା ପରିବେଷଣ କରି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଗୁଡିକ ଉପରେ ପ୍ରଦର୍ଶନ କରି ସଚେତନ କରାଇଥିଲେ।

## ରାଧାକୃଷ୍ଣ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ସାଇଁକୁଳ ଚାମ୍ପିଅନ୍

**ଆନନ୍ଦପୁର,୩୧।୧(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ରାଧାକୃଷ୍ଣ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ୭ମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଏମ୍‌ଏମସିସି ରଣାଗୁଣ୍ଡି ଦଳକୁ ହରାଇ ସାଇଁକୁଳ ଦଳ ଚାମ୍ପିଅନ ହୋଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଏମ୍‌ଏମସିସି ସାଇଁକୁଳ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ୱିକେଟ ହରାଇ ୯୮ ରନ୍ ସଂଗ୍ରହ କରିଥିଲା। ଜବାବରେ ଏମଏମସିସି ରଣାଗୁଣ୍ଡି ଦଳ ୮.୫ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୫୪ ରନ୍ କରି ପରାଜିତ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଘସିପୁରା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ସେବା ସୁବେଦାର ସନ୍ତୋଷ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ଗୋପୀନାଥ ସ୍ୱାଇଁ, ଉମାକାନ୍ତ ଜେନା, ସାଇଁକୁଳ ପୂର୍ବତନ ସରପନଚ ବିଭାସ ଚନ୍ଦ୍ର ନାଏକ, ବିଜୟ ଜେନା, ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ରହି ଚାମ୍ପିଅନ ଓ ରନର୍ସଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ସ୍କୋରର ଭାବେ ବିଜୟ ଦାସ, ତାପସ ରଂଜନ ପରିଡା ଓ ଧାରାବିବରଣୀରେ କ୍ଷୀରୋଦ ପ୍ରସାଦ ସା, ନିବାସ ସ୍ୱାଇଁ ଏବଂ ସାଗର ସ୍ୱାଇଁ ସହଯୋଗ କରିଥିଲେ। ରାଧାକୃଷ୍ଣ କ୍ଲବର ସଦସ୍ୟ ଦଇତାରୀ ଦାସ, ଜୁଜୁ, ବିକାଶ, ପ୍ରଭାତ, ଜିତୁ, ଅମର ଦିଲୁ, ପ୍ରଶାନ୍ତ, କାଳିଆ, ବସନ୍ତ, ବିଳାସ, ଖୁକୁନା, ଜିତୁନ୍ ପ୍ରମୁଖ ଖେଳକୁ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



**ସୋସୋ,୩୧।୧(ସମିସ):** ହାଟଡ଼ିହି ବ୍ଲକ୍ ହଦଗଡ଼ ଆଞ୍ଚଳିକ ହାଇସ୍କୁଲର ପ୍ରଧାନଶିକ୍ଷକ ଭାଗୀରଥି ସାହୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମାର୍କଣ୍ଡ ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବିଇଓ ଧନେଶ୍ୱର ଖଣ୍ଡେଇ, ଅତିଥି ଭାବେ ସରପଞ୍ଚ ନିରୁପମା ନନ୍ଦୀ, ଜିଲ୍ଲା ପରିଷଦ ଉପାଧକ ସୋମନାଥ ଦାସ, ହାଟଡିହି ଓଷ୍ଟାର ସଭାପତି ଶିଶିର କୁମାର ବିଶ୍ୱାଳ, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ନାଏକ, ଅଲେଖ ଚରଣ ପହି, ପୂର୍ବତନ ସରପଞ୍ଚ ମଦନ ମୋହନ ନନ୍ଦୀ, ଏବିଇଓ ପ୍ରମୋଦ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ୩୨ ବର୍ଷ ସେହି ବିଦ୍ୟାଳୟରେ ଶିକ୍ଷାଦାନ କରିବା ସହିତ ଆଦିବାସୀ ଛାତ୍ରଛାତ୍ରୀ କିଭଳି ଉଚ୍ଚଶିକ୍ଷା ପାଇବେ ସେ ନେଇ ପ୍ରୟାସ ଜାରି ରଖିଥିବାରୁ ଅଭିଭାବକ ମହଲରେ ସେ ପ୍ରିୟ ହୋଇଥିଲେ। ବିଦ୍ୟାଳୟର ଶିକ୍ଷକ ପ୍ରଫୁଲ୍ଲ ବେହେରା, ପ୍ରଫୁଲ୍ଲ କୁମାର ପଣ୍ଡା, ପ୍ରସନ୍ନ କୁମାର ରଥ, ପଦ୍ମନାଭ ଜେନା, ଶିବପ୍ରସାଦ ବେହେରା, ପାର୍ଥବୀର ସ୍ୱାଇଁ, କମଳ ବାହାଦୁର ଥାପା ସହଯୋଗ କରିଥିଲେ।

## 'ନୂଆ-ଓ' ପ୍ରତିଯୋଗିତାରେ ଆନନ୍ଦପୁର ମହାବିଦ୍ୟାଳୟର କୃତିତ୍ୱ

**ଆନନ୍ଦପୁର, ୩୧।୧(ସମିସ):** ଜିଲ୍ଲାସ୍ତରୀୟ 'ନୂଆ ଓ' ସାଂସ୍କୃତିକ କାର୍ଯ୍ୟକ୍ରମରେ ଆନନ୍ଦପୁର ମହାବିଦ୍ୟାଳୟର ଛାତ୍ରଛାତ୍ରୀ କୃତିତ୍ୱ ଅର୍ଜନ କରି ସମ୍ବର୍ଦ୍ଧିତ ହୋଇଥିବା ଜଣାଯାଇଛି। ମହାବିଦ୍ୟାଳୟ ଛାତ୍ରୀ ଯଶମିନ ସାହୁ, ଲାବଣ୍ୟବତୀ ରଣା, ଛାତ୍ର ଶୁଭମ ମହାରଣା, ବିଶ୍ୱନାଥ ବେହେରା, ବାଦଲ କୁମାର ଜେନା ସଂଗୀତ, ଯୁଗ୍ମ ସଂଗୀତ, ଯୁଗ୍ମ ନୃତ୍ୟ ଓ ଚିତ୍ରାଙ୍କନ ଏବଂ ଏକକ ଅଭିନୟ ପ୍ରଦର୍ଶନ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥିବାରୁ ତାଙ୍କୁ ୭୫ ହଜାର ଟଙ୍କା ଅର୍ଥରାଶି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଛାତ୍ରୀ ବାସନ୍ତୀ ମାହାଲି, ମୀନାରାଣୀ ଟୁଡୁ, ସୁଚିସ୍ମିତା ହେମ୍ବ୍ରମ, କରିସ୍ମା ମାଝୀ, ଯମୁନା ସାମାଡ, ଏଲିନା ସାହୁ, ଝରଣା ଓଝା ଯୁଗ୍ମ ନୃତ୍ୟ, ଓଡିଆ ତର୍କ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ୫୫ ହଜାର ଟଙ୍କା ଆର୍ଥିକ ରାଶି ସହ ମାନପତ୍ର ହାସଲ କରିଥିବା ଜଣାଯାଇଛି। ଆନନ୍ଦପୁର ମହାବିଦ୍ୟାଳୟ 'ନୂଆ-ଓ' କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ପ୍ରାଧ୍ୟାପକ ନାରାୟଣ ଦାଶ, ସାଂସ୍କୃତିକ ପରିଷଦ ଉପଦେଷ୍ଟା ଡ. ଶେଖର ପ୍ରସାଦ ଦେବତା, ଡ. ନିମାଇ ଚରଣ ରାଉତ, ଡ. ଦିବ୍ୟଲୋଚନ ଭୂୟାଁ, ଉପଜିଲାପାଳ ଚିତ୍ତରଞ୍ଜନ ମହାନ୍ତ, ବିଡିଓ ଯୋଗ ରଞ୍ଜନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ବାଲି ବୋଝେଇ ଟ୍ରାକ୍ଟର ଜବତ; ୬ ଗିରଫ

**ଯୋଡ଼ା,୩୧।୧(ସମିସ):** କେନ୍ଦୁଝର ଜିଲ୍ଲା ବାମେବାରି ଥାନା ଅନ୍ତର୍ଗତ ବନ୍ଧୁଆବେଡା ବାଲି ଘାଟରୁ ଚୋରାରେ ବାଲି ଚାଲାଣ ହେଉଥିବା ବେଳେ ପୁଲିସ ଚଢ଼ଉ କରି ୩ଟି ଟ୍ରାକ୍ଟରକୁ ପୁଲିସ ଜବତ କରିବା ସହିତ ଏଥିରେ ସଂପୃକ୍ତ ୬ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବାମେବାରି ଥାନା ଆଇଆଇସି ଦିପ୍ତିରଞ୍ଜନ ସାହୁଙ୍କ ସୂଚନା ଅନୁଯାୟୀ, ମଙ୍ଗଳବାର ଭୋର୍ ସମୟରେ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ବନ୍ଧୁଆବେଡା ବାଲିଘାଟରୁ ୩ଟି ଟ୍ରାକ୍ଟର ଚୋରା ବାଲିବୋଝେଇ କରି ଯାଉଥିବା ବେଳେ ପୁଲିସ ଯାଞ୍ଚ କରିବା ପରେ ଏହା ଚୋରାଚାଲାଣ ହେଉଥିବା ଜାଣି ପାରି ଉକ୍ତ ୩ଟି ଟ୍ରାକ୍ଟରକୁ ଜବତ କରିବା ସହିତ ମାଲିକ ଓ ଡ୍ରାଇଭର ମାନଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଝୁମ୍ପୁରା ଥାନା ବାରଖଣ୍ଡିଆ ଅଞ୍ଚଳର ଟ୍ରାକ୍ଟର ମାଲିକ ଘାସିନାଥ ଗିରି, ପ୍ରଶାନ୍ତ କୁମାର ଗିରି, ରୁପେଶ୍ୱର୍ ପ୍ରଧାନ ଓ ଡ୍ରାଇଭର ମଙ୍ଗଲୁ ବେଣ୍ଟକାର, କ୍ରିଷ୍ଣା ବେଣ୍ଟକାର, ଜଗନ୍ନାଥ ବେଣ୍ଟକାର। ଟ୍ରାକ୍ଟର ନଂ ଓଡି୦୯ ଏନ୍ ୦୪୦୯, ଓଡି୦୯ଜି ୩୧୪୨ ଏବଂ ଓଡି୦୯ ଏ ୭୪୧୩କୁ ପୁଲିସ ଜବତ କରିଛି। ଏ ନେଇ ଥାନାରେ ତିନୋଟି ପୃଥକ୍ ମାମଲା ନଂ ୬୨, ୬୩ ଓ ୬୪ରେ ରୁଜୁ ହୋଇଥିବା ସୂଚନା ମିଳିଛି।

## ବାଳିକା ଆତ୍ମରକ୍ଷା ସୁରକ୍ଷା ତାଲିମ ଶିବିର

**ପାଟଣା,୩୧।୧(ସମିସ):** ପାଟଣା ବ୍ଲକ ଅନ୍ତର୍ଗତ ଡୁମୁରିଆ ସ୍ଥିତ ଭୀମକୁଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ୮ ଦିନ ଧରି ଆୟୋଜିତ ହୋଇଥିଲା। ଏଥିରେ ବିଦ୍ୟାଳୟର ୭୦ ଜଣ ଛାତ୍ରୀ ଯୋଗ ଦେଇ ଆତ୍ମରକ୍ଷା ପାଇଁ ବିଭିନ୍ନ କୌଶଳ ଶିଖିଥିଲେ। ମାଷ୍ଟର ଟ୍ରେନର ଲତକା ମଞ୍ଜରୀ ମହାନ୍ତ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଏସ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିନାଥ ନାଏକ ଯୋଗ ଦେଇ ଛାତ୍ରୀମାନେ ଶିକ୍ଷାଲାଭ କରିଥିବା ବିଭିନ୍ନ କୌଶଳକୁ ଭବିଷ୍ୟତରେ ପ୍ରୟୋଗ କରି ନିଜକୁ କିପରି ସୁରକ୍ଷା କରିପାରିବେ ସେ ସମ୍ପର୍କରେ ଗୁରୁତ୍ୱରୋପ କରିଥିଲେ। ଶେଷରେ ସମସ୍ତ ଛାତ୍ରୀ ମୁଖ୍ୟଅତିଥିଙ୍କ ଠାରୁ ମାନପତ୍ର ଗ୍ରହଣ କରିଥିଲେ।

## ଶ୍ରୀଜଗନ୍ନାଥ ସଂସ୍କୃତିକୁ ନେଇ ଆଲୋଚନାଚକ୍ର

**କେନ୍ଦୁଝର,୩୧।୧(ସମିସ):** କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ- ଓ' କାର୍ଯ୍ୟକ୍ରମ ଅନ୍ତର୍ଗତ ଶ୍ରୀଜଗନ୍ନାଥ ସଂସ୍କୃତି, ଧର୍ମ, ପରମ୍ପରା ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ରତିନ୍ଦ୍ର କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ କରଞ୍ଜିଆ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ ଡ. ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀ ଜଗନ୍ନାଥ ସଂସ୍କୃତିର ଐତିହ୍ୟ ଓ ମହତ୍ତ୍ୱ ସମ୍ପର୍କରେ ସେ ତାତ୍ତ୍ୱିକ ଓ ଜୈବିକ ଆଲୋଚନା କରିଥିଲେ। ନୋଡ଼ାଲ ଅଫିସର ଡ. ଆଶିଷ କୁମାର ରାଉତ ପ୍ରାରମ୍ଭିକ ବକ୍ତବ୍ୟରେ ଜଗନ୍ନାଥଙ୍କ ସାର୍ବଜନୀନତା କଥା ଦର୍ଶାଇଥିଲେ। ପରିଶେଷରେ ଇଂରାଜୀ ଅଧ୍ୟାପକ ବିପିନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜନଜାତି ଆୟୋଗ ଉପାଧ୍ୟକ୍ଷଙ୍କ ତେଲକୋଇ ଗସ୍ତ

ତେଲକୋଇ,୩୧।୧(ସମିସ): ଜାତୀୟ ଜନଜାତି ଆୟୋଗ ଉପାଧ୍ୟକ୍ଷ ଅନନ୍ତ ଚରଣ ନାୟକ ତେଲକୋଇ ବ୍ଲକ ଛାମୁଣ୍ଡା ପଞ୍ଚାୟତରେ ଅଭିଯୋଗ ଶୁଣାଣି କରିଥିଲେ। ଦିନ ୧୦ଟା ଠାରୁ ଗୋଟାଏ ପର୍ଯ୍ୟନ୍ତ ଲୋକଙ୍କ ଭିଭିନ୍ନ ପ୍ରକାର ଅଭିଯୋଗ ଶୁଣାଣୀ କରିଥିଲେ। ଆଦିବାସୀଙ୍କ ସାମାଜିକ ସୁରକ୍ଷା, ସ୍ୱଚ୍ଛ ଭାରତ ଯୋଜନାରେ ଅନ୍ତର୍ଭୁକ୍ତି , ମନରେଗା ଯୋଜନାରେ ଆଦିବାସୀଙ୍କ ଜୀବନ ଜୀବିକା ଓ ଗୋଷ୍ଠୀ ସମସ୍ୟା ଉପରେ ଶୁଣାଣି କରି ଆବଶ୍ୟକୀୟ ପଦକ୍ଷେପ ନେବାକୁ ପ୍ରଶାସନ କୁ ନିର୍ଦ୍ଦେଶ ଦେଇଥିଲେ। ଛାମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ରେ ଏହି ଶୁଣାଣୀ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ପ୍ରଶାସନିକ ଅଧିକାରୀ ତେଲକୋଇ ତହସିଲଦାର ଅନୁପମା ମୁର୍ମୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୀତା ମୁର୍ମୁ, ଯୋଗାଣ ଅଧିକାରୀଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଏଥିରେ ଯୋଗ ଦେଇଥିଲେ। ଛାମୁଣ୍ଡା ସରପଞ୍ଚ ସୁଷମା ନାୟକ, ସମିତି ସଭ୍ୟା ପ୍ରତିଭା ସାହୁ, ଜିଲ୍ଲା ପରିଷଦ ସଦସ୍ୟା ଛଇଳ ବାଳା ନାୟକ ଜନଜାତି ଆୟୋଗ ଉପାଧକ୍ଷ ଙ୍କୁ ସ୍ୱାଗତ କରିଥିଲେ।

## ବଉଳା ଡିଗ୍ରୀ କଲେଜରେ ଓଡ଼ିଆ ଭାଷା ସମ୍ମିଳନୀ

**ସୋସୋ, ୩୧।୧(ସମିସ):** ହାଟଡିହି ବ୍ଲକ ବଉଳା + ୩ ଡିଗ୍ରୀ ମହାବିଦ୍ୟାଳୟ ସୋସୋରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଏବଂ ଓଡିଆ ସାହିତ୍ୟ ପ୍ରତିଯୋଗିତାର କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଆଜି ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ରବିନ୍ଦ୍ର କୁମାର ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଗଣେଶ ପ୍ରସାଦ କର ଶର୍ମା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରବଚକ ଚିତ୍ତରଞ୍ଜନ ନାୟକ, ଅତିଥି ଭାବେ କଲେଜର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ରବିନ୍ଦ୍ର କୁମାର ଜେନା, ବିକ୍ରମ କିଶୋରି ବିଶ୍ୱାଳ, ପିତବାସ ନାୟକ, ରଙ୍ଗାଧର ସିଂ, ପ୍ରଫୁଲ ରାଉତ, ଗୋପାଳ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଅଧ୍ୟାପକ ନିରାକାର ମହାନ୍ତି, ଅନ୍ନପୂର୍ଣ୍ଣା ବେହେରା, ନରେନ୍ଦ୍ର କୁମାର ରାଉତ, ମମତା ସାହୁ, ପଙ୍କଜିନି ସାହୁ, କୃଷ୍ଣା କୁମାରୀ ସା, ସାଇ ଅନ୍ନଦା ସାହୁ, ନିବିତା ଦାଶ, ଜ୍ୟୋତିର୍ମୟୀ ପଣ୍ଡା, ସୁରେନ୍ଦ୍ର ପାତ୍ର, ସୁଶାନ୍ତ ସାହୁ, ଶରତ କୁମାର ରାଉତ, ରଙ୍ଗାଧର ପଣ୍ଡିତ, ସୁବାସ ଷଡଙ୍ଗି ପ୍ରମୁଖ ସହଯୋଗ ଓ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

**ସୋସୋ, ୩୧।୧(ସମିସ):** ହାଟଡିହି ବ୍ଲକର ଛେନାପଦି ବିଶ୍ୱତାରିଣୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ ଦିନ ଧରି ଚାଲିଥିବା ଛାତ୍ରୀଙ୍କ ଆତ୍ମରକ୍ଷା ଶିବିର ବିଦ୍ୟାଳୟର ପ୍ରାଧ୍ୟାପିକା ଉଷାରାଣୀ ଦାସ ଆନୁଷ୍ଠାନିକ ଭାବେ ଉଦଯାପିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଫିସର ତଥା କ୍ରୀଡ଼ା ଶିକ୍ଷୟିତ୍ରି ସୁରଭି ଦାସ, ଅଧ୍ୟାପକ ହିମାଂଶୁ ଶେଖର ମିଶ୍ର, ଶୁଭସ୍ମିତା ପଲିତା, ପଲ୍ଲିଶ୍ରୀ ପାଇକ୍‌ରାୟ, ଆଳତୀ ଦାଶ, ଦିପ୍ତିମୟୀ ଜେନା, ସ୍ୱର୍ଣ୍ଣଲତା ପଣ୍ଡା, ସୁମିତ୍ରା ବେହେରା, ଦତ୍ତାତ୍ରେୟ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବଉଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରମାନଙ୍କୁ ଆତ୍ମ ସୁରକ୍ଷା ତାଲିମ୍ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍ଘାଟିତ ଉତ୍ସବରେ ପୋଗ୍ରାମ ଅଫିସର ସଚିନ୍ଦ୍ର ରାଉତରାୟଙ୍କ ସଂଯୋଜନାରେ ଅଧ୍ୟାପକ ଫକିର ଚରଣ ଖାମୁରାଇ, ଅଧ୍ୟାପକ ଉଦୟ କୁମାର ନନ୍ଦ, କ୍ରୀଡ଼ା ଶିକ୍ଷକ ହେମନ୍ତ କୁମାର ନାଥ, ହୃଦାନନ୍ଦ ପାଣିଗ୍ରାହୀ, ଅଜୟ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ପ୍ରଶିକ୍ଷକ ସୀମନ୍ତିନୀ ଦାଶ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ପାଇଁ ବିଭିନ୍ନ କୌଶଳ ଶିଖାଇଥିଲେ। ଏହି ସମୟରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଗୌରାଙ୍ଗ ବେହେରା, ଦୁର୍ଯ୍ୟୋଧନ ବାରିକ, ଅନାମ ପାଣ୍ଡିତ, ଦୟାନିଧି ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମହିଳାମାନଙ୍କ ପାଇଁ ଆଇନଗତ ସଚେତନତା ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କେନ୍ଦୁଝର, ୩୧।୧ (ସମିସ)




କେନ୍ଦୁଝର ସଦର ପଞ୍ଚାୟତ ସମିତି ପ୍ରଶିକ୍ଷଣ ଗୃହଠାରେ ସ୍ୱସ୍ତି ଅନୁଷ୍ଠାନ ପକ୍ଷରୁ ଏବଂ ୟୁଏସ୍ କନସ୍ୟୁଲେଟ ଜେନେରାଲ ହାଇଦ୍ରାବାଦ ସହାୟତାରେ ମହିଳାମାନଙ୍କ ପାଇଁ ଆଇନଗତ ସଚେତନତା ଉପରେ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଉଦଘାଟନୀ ସଭାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଗୌରିମଣି ହାଁସଦା, ପ୍ରୋଟେକ୍ସନ ଅଫିସର ବାସନ୍ତୀ ମହାନ୍ତ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତିଲୋତ୍ତମା ପୃଷ୍ଟି, ଜେଜେ ବୋର୍ଡ ସଦସ୍ୟ ମନୋରଞ୍ଜନ ପଣ୍ଡା, ସ୍ୱସ୍ତି ଫାଉଣ୍ଡେସନର ଅଧ୍ୟକ୍ଷ ଭକ୍ତବସଳ ମହାନ୍ତି ଅଂଶଗ୍ରହଣ କରି କିପରି ଏହି କାର୍ଯ୍ୟକ୍ରମଟି ସଫଳ ହୋଇପାରିବ ତାହା ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଅଙ୍ଗନବାଡି କର୍ମୀ, ସୁପରଭାଇଜର, ୱାନ ଷ୍ଟପ୍ ସେଣ୍ଟର, ଆଇସିଡିଏସ୍, ଛାତ୍ରୀ, ସିଆର୍‌ପି, ଫେଡେରେସନ ଲିଡର, ଜାଗୃତି, ଟ୍ରାଇବାଲ ଲିଡର, ବ୍ୟାଙ୍କ ମିତ୍ର, ମାନବାଧିକାର କର୍ମୀ, ସ୍ୱେଚ୍ଛାସେବୀ ସଂଗଠନ ଇତ୍ୟାଦି ଅନୁଷ୍ଠାନର କର୍ମକର୍ତ୍ତାମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ତାଲିମଦାତା ଭାବେ ସାଧନା ଫାଉଣ୍ଡେସନର ସଂପାଦିକା ସୁଜାତା ମହାପାତ୍ର ଏବଂ ସତ୍ୟଜିତ ପ୍ରତିହାରୀ ମହିଳାମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ଯେପରିକି ସାମ୍ବିଧାନିକ ଅଧିକାର, କନ୍ୟାଭ୍ରୁଣ ହତ୍ୟା, ପୋସ୍କୋ ଆଇନ, ବାଲ୍ୟ ବିବାହ, ଯୌତୁକ ନିରୋଧ ଆଇନ, ଘରୋଇ ହିଂସା ପ୍ରତିରୋଧ ଆଇନ, କର୍ମ କ୍ଷେତ୍ରରେ ଯୌନ ନିର୍ଯାତନା ପ୍ରତିରୋଧ ଆଇନ ଓ ବିଭିନ୍ନ ଯୋଜନା, ଆନୁଷ୍ଠାନିକ ବ୍ୟବସ୍ଥା ଆଦି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ତାଲିମ ସମୟରେ ଅଡିଓ ଭିଜୁଆଲ ମାଧ୍ୟମରେ ବିଭିନ୍ନ ସିନେମା ଓ ଭିଡିଓ ମଧ୍ୟ ଦେଖାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲ ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ, ମଣ୍ଡଳ ଉନ୍ନୟନ ଅଧିକାରୀ ଓ ପ୍ରୋଟେକ୍ସନ ଅଫିସର ଅଂଶଗ୍ରହଣ କରି ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ଏହି କାର୍ଯ୍ୟକ୍ରମ କିପରି ସଫଳ ହୋଇପାରିବ ତାହା ଉପରେ ଆଲୋକପାତ କରିଥିଲେ। ସତ୍ୟଜିତ ପ୍ରତିହାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନଶିକ୍ଷକଙ୍କ ବିରୋଧରେ ତେଜିଲା ଅସନ୍ତୋଷ

# ଫାଟକରେ ତାଲା ପକାଇ ଧାରଣାରେ ବସିଲେ ଅଭିଭାବକ

ଉଦଳା, ୩୧।୧(ସମିସ): ତେଜିଲା ପ୍ରଧାନଶିକ୍ଷକଙ୍କ ବିରୋଧରେ ଅସନ୍ତୋଷ। ତାତିଲେ ଅଭିଭାବକ, ପରିଚାଳନା କମିଟି ଏବଂ ଛାତ୍ରଛାତ୍ରୀ। ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଅଭିଭାବକମାନେ ଆନ୍ଦୋଳନ କରିଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଉଦଳା ରାଡୋ ସରକାରୀ ଉଚ୍ଚ ବିଦ୍ୟାଳୟରେ। ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ମନ୍ତ୍ରୀ ମନଇଚ୍ଛା ବିଦ୍ୟାଳୟକୁ ଆସିବା ସହିତ ମନୋମୁଖି କାମ କରନ୍ତି। ଏପରିକି ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସମୟରେ ଦୁର୍ବ୍ୟବହାର କରନ୍ତି; ଯାହାକୁ ନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେଣୁ ବୁଧବାର ଛାତ୍ରଛାତ୍ରୀ ଏବଂ ଅଭିଭାବକ ତୁରନ୍ତ ପ୍ରଧାନଶିକ୍ଷକଙ୍କ ବଦଳି ଦାବିରେ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ପ୍ରଧାନ ଶିକ୍ଷକଙ୍କ ବଦଳି ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ପ୍ରଧାନ ଶିକ୍ଷକ ଶ୍ରୀ ମନ୍ତ୍ରୀ ପୂର୍ବରୁ ବିଦ୍ୟାଳୟରେ ବିଭିନ୍ନ ଅନିୟମିତତା କରିଥିବା ସହିତ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଦୁର୍ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି ଅଭିଭାବକ। ଏଥିସହିତ ବିନା କାରଣରେ ବିଦ୍ୟାଳୟର ପିଅନଙ୍କ ଦରମା ବନ୍ଦ କରି ଦେଇଛନ୍ତି। ଏ ନେଇ ପୂର୍ବରୁ ଉପଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ମଧ୍ୟ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଆଜି ବାଧହୋଇ ପରିଚାଳନା କମିଟି ଏବଂ ଛାତ୍ରଛାତ୍ରୀ ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେଲେ ଆଗକୁ ଆନ୍ଦୋଳନ ଉଗ୍ରରୂପ ନେବ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକ ରଘୁନାଥ ମନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ ମେଡିକାଲ କାର୍ଯ୍ୟରେ ବାଲେଶ୍ୱରରେ ଅଛନ୍ତି ବୋଲି କହିଥିଲେ।



## ୪୮ ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ରାଇରଙ୍ଗପୁର, ୩୧।୧(ସମିସ): ଅଳାଁଡୁବା ଚାଚା ନେହେରୁ ଯୁବକ ସଂଘ ତରଫରୁ ୪୮ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ୱାର୍ଡ ନଂ ୯ କାଉନସିଲର ଦେବାଶିଷ ନାୟକ ଓ ୱାର୍ଡ ନଂ ୧୦ କାଉନସିଲର ଆଲୋକ ମହାନ୍ତ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ସଭାପତି ଦୋଳଗୋବିନ୍ଦ ମହାନ୍ତ, ସମ୍ପାଦକ ହେମନ୍ତ ମହାନ୍ତ, କୋଷାଧ୍ୟକ୍ଷ ରାଜୀବ ରତନ ମହାନ୍ତ, କାର୍ଯ୍ୟକାରୀ ସଦସ୍ୟଗଣ ବିକାଶ ମହାନ୍ତ, ଅର୍ଜୁନ ମହାନ୍ତ, ଅପୁ ପଟ୍ଟନାୟକ, ସଦାନନ୍ଦ ଦାସ, ସଂଦୀପ ଦାସ, କୃପାସିନ୍ଧୁ ମହାନ୍ତ, ସାଜନ ମହାନ୍ତ, ଟୁନା ବେହେରା, ହେମନ୍ତ ମହାନ୍ତ, ବିନୟ କୁମାର ମହାନ୍ତ ପ୍ରମୁଖ ଯୋଗଦାନ କରିଥିଲେ।

## ସାମ୍ବାଦିକ ଖୋକା ଭାଇଙ୍କ ଏକାଦଶାହରେ ଶୋକସଭା



ବୈଶିଙ୍ଗା, ୩୧।୧(ସମିସ): ବେତନଟୀ ବ୍ଲକ କଦଳିଆ ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ସାମ୍ବାଦିକ ସ୍ୱର୍ଗତ ସଞ୍ଜିତ କୁମାର ଦାସ (ଖୋକା ଭାଇ)ଙ୍କ ଏକାଦଶାହ ସଂଧ୍ୟାରେ ତାଙ୍କ ବାସଭବନରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଯୁବ ସାମ୍ବାଦିକ ସତ୍ୟପ୍ରକାଶ ପ୍ରଧାନଙ୍କ ସଂଯୋଜନରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ବରିଷ୍ଠ ସାମ୍ବାଦିକ ସର୍ବଶ୍ରୀ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଅରୁଣ କୁମାର ଓତା, ସଚ୍ଚିଦାନନ୍ଦ ମହାନ୍ତି, ଡଃ ଜଗନ୍ନାଥ ପାତ୍ର, ସୀତାନାଥ ବେହେରା, ବିମଳେନ୍ଦୁ ମହାପାତ୍ର ଓ ବନ୍ଧୁବର୍ଗ ଆଦି ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ତାଙ୍କୁ ଭଲପାଉଥିବା ବହୁ ବିଶିଷ୍ଟ ବ୍ୟକ୍ତି, ସାମ୍ବାଦିକଙ୍କ ସହ ବହୁ ବରିଷ୍ଠ ନେତା ଏବଂ ବିଧାୟକ ମଧ୍ୟ ଉପସ୍ଥିତ ଥିଲେ। ବେତନଟୀ ପ୍ରେସ କ୍ଲବ୍ ତରଫରୁ ଏକ ଚେକ୍ ପ୍ରଦାନ କରାଯାଇଥିଲା।

## ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ରାଇରଙ୍ଗପୁର, ୩୧।୧(ସମିସ): ଜାମଦା ବ୍ଲକ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜାମଦା ବିଡିଓ ଦେବାଶିଷ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୧୦ଟି ପଞ୍ଚାୟତରୁ ବହୁ ଭିନ୍ନକ୍ଷମ ଉପସ୍ଥିତ ଥିଲେ। ଅନଲାଇନ ମାଧ୍ୟମରେ ୪୩୨ ଜଣ ଭିନ୍ନକ୍ଷମ ଆବେଦନ କରିଥିଲେ। ବିଡ଼ିଓ ଦେବାଶିଷ୍ ପଣ୍ଡା ଶିବିର ଆୟୋଜନର ଆଭିମୁଖ୍ୟ ଓ ଉପାଦେୟତା ସମ୍ବନ୍ଧରେ ଉପସ୍ଥାପନ କରିଥିଲେ। ଏଥିରେ ବାମନଘାଟୀ ଉପଜିଲ୍ଲାପାଳ ମୁଖ୍ୟଅତିଥି ଭାବରେ ସରୋଜ କୁମାର ଦାସ ଯୋଗଦେଇ ମୁଖ୍ୟମନ୍ତ୍ରୀ ଭିନ୍ନକ୍ଷମଙ୍କ କଲ୍ୟାଣ ଏବଂ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ସଶକ୍ତିକରଣ ଦିଗରେ ଆହୁରି ଦୃଢ଼ କରିବା ସଂକଳ୍ପ ରଖିଛନ୍ତି ବୋଲି କହିଛନ୍ତି। ବ୍ଲକ ପ୍ରଶାସନ ତରଫରୁ ଭିନ୍ନକ୍ଷମଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଚକ୍ଷୁ ବିଭାଗ, କର୍ଣ୍ଣ, ନାସା, ଗଳା, ମାନସିକ ବିଭାଗ, ଅସ୍ଥିଶଲ୍ୟ ବିଭାଗ, ଭେଷଜ ବିଭାଗରେ ନାମ ପଞ୍ଜୀକରଣ କରାଯାଇ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ଶାରୀରିକ ବିକଳାଙ୍ଗ ମାନଙ୍କ ପାଇଁ ହୁଇଲ ଚେୟାର ବ୍ୟବସ୍ଥା କରାଯାଇଥିଲା। ସମ୍ମାନିତ ଅତିଥି ରୂପେ ଜାମଦା ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀ ଟୁଡୁ, ବିଏସ୍‌ଏସ୍‌ଓ ଦେବସ୍ମିତା ହାଁସଦା, ବିଏସ୍‌ଏସ୍‌ଓ ପିଓ ମନୋଜ ମହାନ୍ତ, ଏଇଇ ସନତ କୁମାର ରାଉତ, ବିପିଏମ୍ ରଞ୍ଜନ ସାମଲ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭାଶିଷ୍ ଦାସ, ଡିଇଓ ଗୌରାଙ୍ଗ ଚରଣ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ।

## ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ



କରଞ୍ଜିଆ, ୩୧।୧(ସମିସ): ଭୁବନେଶ୍ୱର ଇଟରନିଟି ଅନ୍ତର୍ରାଷ୍ଟ୍ରୀୟ ସଙ୍ଗଠନ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ଓ କବିତା ପାଠ ଇଟରନିଟି ଇଂରାଜୀ ପତ୍ରିକାର ସମ୍ପାଦକ ହରେକୃଷ୍ଣ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶାନ୍ତି ଓ ଅହିଂସାର ମହାନାୟକ ବାପୁଜୀ ଥିଲେ ତ୍ୟାଗ ଓ ସେବାର ପ୍ରତୀକ ବୋଲି ସେ ଦର୍ଶାଇଥିଲେ। ଗବେଷକ ବାଣୀ ବିନୋଦ ଭରତ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ଓ କାଦଡିହା କଲେଜର ଅଧ୍ୟକ୍ଷ ଡ଼ଃ ଭାଗବତ ଲେଙ୍କା ମୁଖ୍ୟବକ୍ତା ଭାବେ ଯୋଗଦେଇ ଅବତାରୀ ପୁରୁଷ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ବିଚାରଧାରା ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚେତନାର ପ୍ରତିଷ୍ଠାତା ଆଇନଜୀବି ସଞ୍ଜୟ କୁମାର ସାହୁ, ଅଧ୍ୟାପକ ଯଯାତି କିଶୋର ମହାନ୍ତ, ସିଦ୍ଧାର୍ଥ ରାୟ, ଭକ୍ତି ମଳୟ ସମ୍ପାଦକ ରବୀନ୍ଦ୍ର ମହାନ୍ତ, ଗାନ୍ଧୀବାଦୀ ସଦାନନ୍ଦ ସାହୁ, ଆଇନଜୀବି ବ୍ରଜକିଶୋର ପଣ୍ଡା ପ୍ରମୁଖ ଗାନ୍ଧୀଙ୍କ ଦର୍ଶନ କିପରି ସାରା ପୃଥିବୀରେ ଆଦୃତ ହେଉଛି ଏ ସମ୍ପର୍କରେ ବିଭିନ୍ନ ଦୃଷ୍ଟାନ୍ତ ଦେଇଥିଲେ। ଶେଷରେ ସଞ୍ଜୟ ସାହୁ ଧନ୍ୟବାଦ ଦେଇଥିଲେ।

## ମା' ଆମ୍ବିଳିପାଟ ଦେବୀଙ୍କ ବାର୍ଷିକ ଯଜ୍ଞ

କଳାବାଡିଆ, ୩୧।୧(ସମିସ): ବାଙ୍ଗିରିପୋଷି ବ୍ଲକ କଳାବାଡିଆ ପଞ୍ଚାୟତ ଜଗନ୍ନାଥଖୁଣ୍ଟା ଗ୍ରାମରେ ୨୨ଟି ମୌଜାର ଅଧିଷ୍ଠିତ ଦେବୀ ମା' ଆମ୍ବିଳିପାଟଙ୍କ ୧୪ତମ ବାର୍ଷିକ ଯଜ୍ଞ ଆରମ୍ଭ ହୋଇଛି। ସ୍ଥାନୀୟ କତରା ନଦୀରୁ ଶ୍ରଦ୍ଧାଳୁମାନେ ୧୦୮ ଘଟ ପୀଠକୁ ଅଣାଯାଇଥିଲା। ମଙ୍ଗଳ ଓ ବୁଧବାର ଦୁଇ ଦିନ ମା'ଙ୍କ ପୀଠରେ ଯଜ୍ଞ ଅନୁଷ୍ଠିତ ହେଉଛି। କମିଟି ତରଫରୁ ଭକ୍ତଙ୍କ ନିମନ୍ତେ ଅନ୍ନଛତ୍ର ବ୍ୟବସ୍ଥା କରାଯାଇଛି।

## ବିଭିନ୍ନ ଜଙ୍ଗଲରେ ଫାୟାରଲାଇନ୍ ନିର୍ମାଣ

ବେତନଟୀ, ୩୧।୧(ସମିସ): ଜଙ୍ଗଲନିଆଁ ସମଗ୍ର ବିଶ୍ୱସମୁଦାୟ ପାଇଁ ଏକ ଚିନ୍ତାର କାରଣ ପାଲଟିଥିବା ବେଳେ ଏହାର ନିୟନ୍ତ୍ରଣ ତଥା ସମାଧାନ ଏବେ ମଣିଷ ସମାଜ ପାଇଁ ଏକ ବଡ ଆହ୍ୱାନ। ଏହି ପରିପ୍ରେକ୍ଷୀରେ ବେତନଟୀ ଥାନା ଅଧୀନ ଜାମଶୋଳ ସଂରକ୍ଷିତ ଜଙ୍ଗଲ ସମେତ ଆଖପାଖରେ ଥିବା ବସନ୍ତପୁର, ଗୋବର୍ଦ୍ଧନଶୋଳ, ଜାମିରଡିହା, ଖେଜୁରିଆ, ନାହାଶୋଳ, ନିଚୁଆପଦା, ଗୋପୀସାହି, ଗୁଞ୍ଜୁସାହି ଜଙ୍ଗଲରେ ବନାଗ୍ନି ନିୟନ୍ତ୍ରଣ ପାଇଁ ଫାୟାରଲାଇନ ନିର୍ମାଣ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରାସଗୋବିନ୍ଦପୁର ରେଞ୍ଜ ଅଧିକାରୀ ଘନଶ୍ୟାମ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନପାଳ ପ୍ରଗତି ପ୍ରିୟଦର୍ଶିନୀ ମିସ୍ତ୍ରୀ, ବନରକ୍ଷୀ ରଞ୍ଜନ କୁମାର ସେଠୀଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଫାୟାରଲାଇନ ନିର୍ମାଣ କରୁଛନ୍ତି। ତେବେ ପ୍ରତ୍ୟେକବର୍ଷ ପତ୍ରଝଡା ସମୟରେ ସମଗ୍ର ମୟୂରଭଞ୍ଜରେ ବନାଗ୍ନି ଭୟଙ୍କର ରୂପ ଧାରଣ କରିବା ସହିତ ଉଦବେଗଜନକ ସ୍ଥିତି ଉପୁଯାଇଥାଏ। ଯାହାକୁ ନେଇ ବନବିଭାଗ ସମେତ ପରିବେଶବିତମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଥାଏ। ଏଭଳି ସ୍ଥିତିରେ ବନାଗ୍ନି ନୟନ୍ତ୍ରଣ ବର୍ତ୍ତମାନ ଏକ ଚ୍ୟାଲେଞ୍ଜ ହୋଇପଡ଼ିଥିବା ବେଳେ ଏହାକୁ ପ୍ରତିହତ ତଥା ନିୟନ୍ତ୍ରଣ ପାଇଁ ଫାୟାରଲାଇନ ନିର୍ମାଣ ସାଙ୍ଗକୁ ବନପାଳ, ବନରକ୍ଷୀ, ଗଜସାଥୀ, ପାରାବନକର୍ମଚାରୀ ପ୍ରମୁଖଙ୍କୁ ତାଲିମ୍ ପ୍ରଦାନ କରାଯାଉଛି।

## ପୁରାତନ ବିଦ୍ୟାର୍ଥୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

କୁଆମରା, ୩୧।୧(ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆମରା ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୮ ପୁରାତନ ଛାତ୍ରଙ୍କ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷକ ଶିଶିର କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ଆଚାର୍ଯ୍ୟ, ଭୁବନେଶ୍ୱର ବାରିକ, ପଶୁପତି ବେହେରା, ତିରୋମଣୀ ମହାପାତ୍ର, ସଂକର୍ଷଣ ଚୌଧୁରୀ, ରସାନନ୍ଦ ବେହେରା, ସୁକାନ୍ତ ପଟ୍ଟନାୟକ, କଲ୍ୟାଣୀ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମାବେଶରେ ୫୦ରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ନିଗମାନନ୍ଦ ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ନଳକୂପ ଅଚଳ; ମରାମତି ନ ହେଲେ ଆନ୍ଦୋଳନ

କୁଆମରା, ୩୧।୧(ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ ପଟୁଆ ଗ୍ରାମର ୩ ନମ୍ବର ୱାର୍ଡ ଶିବମନ୍ଦିର ନିକଟରେ ଥିବା ନଳକୂପ ଦୀର୍ଘ ଦିନ ଧରି ଅଚଳ ଅବସ୍ଥାରେ ରହିଛି। ଫଳରେ ଗ୍ରାମବାସୀ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଏ ନେଇ ୱାର୍ଡବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ଏହି ନଳକୂପ ଉପରେ ପାଖାପାଖି ୧୦ ପରିବାର ନିର୍ଭର କରୁଛନ୍ତି। ନଳକୂପ ଅଚଳ ହେବା ପର ଠାରୁ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ତେବେ ଆଗକୁ ଗ୍ରୀଷ୍ମ ଋତୁ। ଏଣୁ ପାନୀୟ ଜଳ ପାଇଁ ଲୋକଙ୍କ ଚିନ୍ତା ବଢ଼ିଲାଣି। ଅଚଳ ହେବା ପରେ ଗ୍ରାମବାସୀ ପଞ୍ଚାୟତ ମାସିକ ବୈଠକରେ ଅଭିଯୋଗ କରିଥିଲେ; ହେଲେ କେହି ଶୁଣୁ ନ ଥିବା ସୁଧାଂଶୁ ମହାପାତ୍ର, ସଂକର୍ଷଣ ମହାପାତ୍ର, ତାପସ ମାଇତି, ଆକାଶ ମହାପାତ୍ର, ଦେବାଶିଷ ମାଇତି ପ୍ରମୁଖ କହିଛନ୍ତି। ଆଗାମୀ ଦିନରେ ତୁରନ୍ତ ନଳକୂପ ମରାମତି କରା ନ ଗଲେ ୱାର୍ଡବାସିନ୍ଦା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।



## ଫେବୃଆରୀରେ ମା' କୀଚକେଶ୍ୱରୀ ମନ୍ଦିର ଆସିପାରନ୍ତି ରାଷ୍ଟ୍ରପତି

ଶୁକୃଳି, ୩୧।୧(ସମିସ): ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' କୀଚକେଶ୍ୱରୀ। ମା' କୀଚକେଶ୍ୱରୀ ମନ୍ଦିର ଶୁକୃଳି ବ୍ଲକର ଖିଚିଂଠାରେ ଅବସ୍ଥିତ। ଫେବୃଆରୀ ମାସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଖିଚିଂ ମନ୍ଦିର ଦର୍ଶନ ନିମନ୍ତେ ଆସିପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ମନ୍ଦିର ତରଫରୁ ମହାମହିମଙ୍କୁ ଖିଚିଂ ଆସିବାକୁ ନିମନ୍ତ୍ରଣ ଦିଆଯାଇଥିଲା। ଯଦି ସେ ମନ୍ଦିରକୁ ଆସନ୍ତି ତେବେ ତାଙ୍କ ଏହା ପ୍ରଥମ ଘଟଣା। ସେ ଖିଚିଂ ମନ୍ଦିର ଆସିବା ସମ୍ଭାବନା ଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ରାଷ୍ଟ୍ରପତି ହେବା ପୂର୍ବରୁ ଅନେକ ଥର ଖିଚିଂ ମନ୍ଦିର ଆସିଛନ୍ତି। କିନ୍ତୁ ସରକାରୀସ୍ତରରେ ରାଷ୍ଟ୍ରପତି ଆସିବାର ଏ ପର୍ଯ୍ୟନ୍ତ କୌଣସି ସୂଚନା ନାହିଁ।

## 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା ଶିବିର

ବିଶୋଇ, ୩୧।୧(ସମିସ): ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶକୁ ଲୋକାଭିମୁଖୀ କରିବା ପାଇଁ ପଞ୍ଚାୟତସ୍ତରରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଶୋଇ ବ୍ଲକ ସାନପୁରୁଣାପାଣି ଓ ନୂଆଗାଁ ପଞ୍ଚାୟତରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ ସହିତ ପଞ୍ଚାୟତ ସ୍ତରରେ କରାଯାଇଥିବା ଧାର୍ମିକସ୍ଥଳର ରୂପାନ୍ତରୀକରଣ, ବ୍ୟାଙ୍କିଙ୍ଗ ଭିତ୍ତିଭୂମି ବିକାଶ, କ୍ରୀଡା ଭିତ୍ତିଭୂମିର ବିକାଶ, ମହିଳା ସଶକ୍ତିକରଣ, ପ୍ରାଥମିକ ବିଦ୍ୟାଳୟର ରୂପାନ୍ତରୀକରଣ, ସ୍ୱାସ୍ଥ୍ୟ, ଗମନାଗମନ ସହିତ ସରକାରଙ୍କ ବିଭିନ୍ନ ଲୋକକଲ୍ୟାଣ ଯୋଜନା ସମ୍ବନ୍ଧରେ ପାଲା, ସଂକୀର୍ତ୍ତନ ଓ ସମାଜ ସିଙ୍ଗରାୟ (ଆଦିବାସୀ ପାଲା) ମାଧ୍ୟମରେ ଲୋକଙ୍କୁ ସଚେତନତା କରାଯାଇଥିଲା। ଆମ ବ୍ୟାଙ୍କ ନିର୍ମାଣ, ରଙ୍ଗାମାଟିଆ-ସୁଲେଇପାଟ ସେତୁ ନିର୍ମାଣ, ଚାରୁପାଣିରେ ୨୦୦ ଶଯ୍ୟା ବିଶିଷ୍ଟ ଛାତ୍ର ନିବାସ ସହିତ ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାରେ ସାନପୁରୁଣାପାଣିରେ ୧୨ଟି ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ନେଇ ସୂଚନା ଦିଆଯାଇଥିଲା। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାନପୁରୁଣାପାଣି ପଞ୍ଚାୟତର ପିଇଓ ସତ୍ୟରଞ୍ଜନ କର, କନିଷ୍ଠଯନ୍ତ୍ରୀ ଅନିରୁଦ୍ଧ ମିଶ୍ର, ସାନପୁରୁଣାପାଣି ସରପଞ୍ଚ ଭବାନୀ ସୋରେନ, ସାନପୁରୁଣାପାଣି ସମିତି ସଦସ୍ୟା ସରୋଜିନୀ ସରେନ, ଜିଆରଏସ ନଟବର ନାଏକ, ପ୍ରାକ୍ତନ ସରପଞ୍ଚ ଶୋଭରାମ ଶ୍ୟାମ ମୁର୍ମୁ ଏବଂ ନୂଆଗାଁ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ନାଏକ, ପିଇଓ କେଶବ ବେହେରା, କନିଷ୍ଠଯନ୍ତ୍ରୀ ସୁକାରାମ ସିଂ, ପଞ୍ଚାୟତ ସମିତି ସଦସ୍ୟା ଲୀନା ଟୁଡୁ, ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




## ମାସିକ ଭତ୍ତା ବୃଦ୍ଧି ଦାବିରେ ସିପିଆଇର ବିକ୍ଷୋଭ

ଝାରପୋଖରିଆ, ୩୧।୧(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ସାରସକଣା ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ, ବିଧବାଙ୍କୁ ମିଳୁଥିବା ମାସିକ ୫୦୦ ଟଙ୍କା ବର୍ତ୍ତମାନ ବ୍ୟୟବହୁଳ ଏବଂ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ପରିପ୍ରେକ୍ଷୀରେ ଅତ୍ୟନ୍ତ ନଗଣ୍ୟ। ବିଧାୟକ ଓ ସାଂସଦଙ୍କ ଭତ୍ତା ବୃଦ୍ଧି ପାଉଥିବାବେଳେ ବରିଷ୍ଠ ବ୍ୟକ୍ତିଙ୍କ ସାମାଜିକ ସୁରକ୍ଷା ନୀତିକୁ ଗୁରୁତ୍ୱ ନ ଦେଇ ପୁଞ୍ଜିବାଦୀ ତୁଷ୍ଟିକରଣ ନୀତି ଆପଣାଇବା ଦୁର୍ଭାଗ୍ୟଜନକ ବୋଲି ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର ଅଭିଯୋଗ କରିଛନ୍ତି। ଦଳ ବରିଷ୍ଠ ହିତାଧିକାରୀଙ୍କୁ ମାସିକ ଭତ୍ତା ୫୦୦ ଟଙ୍କାରୁ ୫୦୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ଦାବି କରିଛନ୍ତି। ଏଥିସହିତ ବ୍ୟାଙ୍କ ଜରିଆରେ ମିଳୁଥିବା ହିତାଧିକାରୀଙ୍କ ଭତ୍ତାକୁ ସେମାନଙ୍କ ହାତରେ ଦେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳୁଥିବା ଅର୍ଥ ରାଶିର ପରିମାଣ ୫ ଲକ୍ଷକୁ ବୃଦ୍ଧି କରିବା ଆଦି ୪ ଦଫା ଦାବିରେ ବିକ୍ଷୋଭ କରାଯାଇଥିଲା। ପରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସହଦେବ ମହାକୁଡ଼, ବୁଧୁନି ସିଂ, ସୁନ୍ଦର ସିଂ, ଆଶା ମୁଖୀ, ସୁକଦେବ ସିଂ, ସାବିତ୍ରୀ ସିଂ, ଶତ୍ରୁଘ୍ନ ନାଏକ, ସୁଦର୍ଶନ ସେଠୀ, ହୃଷିକେଶ ସାହୁ, ମଙ୍ଗୁଳି ନାଏକ, ସୁଭାଷିନୀ ମୁଣ୍ଡା ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ଚୋରା ବାଲି ବୋଝେଇ ଟିପ୍ପର ଜବତ

ବେତନଟୀ, ୩୧।୧(ସମିସ): ଭାଲିଆଡିହା ଛକରୁ ଏକ ଚୋରା ବାଲି ବୋଝେଇ ଟିପ୍ପର ଜବତ ଘଟଣାରେ ଗିରଫ ଚାଳକକୁ ମଙ୍ଗଳବାର କୋର୍ଟଚାଲାଣ କରିଛି ପୁଲିସ। ଗିରଫ ଟିପ୍ପର ଚାଳକ ଜଣକ ହେଉଛି ବାରିପଦା ସଦରଥାନା ଅଧୀନ କଇଁଫୁଲିଆ ଗ୍ରାମର ଶଙ୍କର ସିଂ(୩୯)। ବେତନଟୀ ପୁଲିସ ପାଟ୍ରୋଲିଂଟିମ ଭାଲିଆଡିହା ଛକରୁ ଗାଡିକୁ ଜବତ କରିଥିଲା। ଏ ନେଇ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଶଙ୍କରକୁ ଗିରଫକରି ଜେଏମଏଫସି କୋର୍ଟରେ ହାଜର କରାଇଥିଲା; ହେଲେ ଜାମିନ ନାମଞ୍ଜୁର ହେବାରୁ ବାରିପଦାସ୍ଥିତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଗଜସାଥୀଙ୍କ ରେଞ୍ଜସ୍ତରୀୟ ତାଲିମ ଶିବିର

ବେତନଟୀ, ୩୧।୧(ସମିସ): ବେତନଟୀ ରେଞ୍ଜ କାର୍ଯ୍ୟାଳୟରେ ଗଜସାଥୀମାନଙ୍କୁ ନେଇ ବନାଗ୍ନି ନିୟନ୍ତ୍ରଣ ସମ୍ପର୍କିତ ଏକ ରେଞ୍ଜସ୍ତରୀୟ ତାଲିମ୍ ଶିବିର ଏବଂ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅପରାହ୍ନରେ ଆୟୋଜିତ ହୋଇଯାଇଛି। ରେଞ୍ଜର ମନୁୱର ଖାଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏସିଏଫ ରବିନାରାୟଣ ମହାନ୍ତି, ନୂତନ ପ୍ରବେସନର ଅଫିସର ଜଗଦୀଶ କୁମାର ଦାଶ ପ୍ରମୁଖ ଅଧିକାରୀଗଣ ସାମିଲଥିଲେ। ଏହି ଅବସରରେ ବେତନଟୀ ରେଞ୍ଜ ଅଧୀନ ବେତନଟୀ, କୃଷ୍ଣଚନ୍ଦ୍ରପୁର, ବୈଶିଙ୍ଗା ଏବଂ ବଡାମପୁର ସେକ୍ସନ ଅଧୀନରୁ କିଛି ବଛାବଛା ନିର୍ଦ୍ଦିଷ୍ଟ ଗଜସାଥୀ ମାନଙ୍କୁ ଏଥିରେ ସାମିଲ କରାଯାଇଛି। ଜଙ୍ଗଲନିଆଁର କାରଣ ଏବଂ ନିରାକରଣ ତଥା ଜଙ୍ଗଲନିଆଁକୁ ପ୍ରତିହତ କରିବନାରେ ଜଙ୍ଗଲ ପାର୍ଶ୍ୱବର୍ତ୍ତି ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ସଚେତନ କରାଯାଇପାରିଲେ କିଭଳି ବନାଗ୍ନି ନିୟନ୍ତ୍ରଣରେ ସଫଳତା ମିଳିପାରିବ ସେ ନେଇ ଆଲୋଚନା କରାଯାଇଥିଲା। ସେହିଭଳି ଜଙ୍ଗଲ ଭିତରେ କିଭଳି ଏବଂ କେଉଁ ସ୍ଥାନରେ ଫାୟାରଲାଇନ ନିର୍ମାଣ ଦ୍ୱାରା ନିଆଁ ଆଗକୁ ବ୍ୟାପୀ ନ ପାରିବ ସେ ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ବନପାଳ ପ୍ରଶାନ୍ତ ସିଂସାମନ୍ତ, କେସିପୁର ବନପାଳ ଚିନ୍ତାମଣି ମହାପାତ୍ର, ବଡାମପୁର ବନପାଳ ଦୀପକ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦଯାପିତ

ଉଦଳା, ୩୧।୧(ସମିସ): କୁଣ୍ଡାବାଇ ଆର୍.ଡି.ଏସ୍. ଡିଗ୍ରୀ ମହାବିଦ୍ୟାଳୟରେ ନୂତନ ଉନ୍ନତ ଅଭିଳାଷ- ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ଏବଂ ଓଡିଆ ବିଶ୍ୱ ଭାଷା ସମ୍ମିଳନୀ ଉପଲକ୍ଷେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରି ସଭାପତିତ୍ୱ କରି ରାଜ୍ୟ ସରକାରଙ୍କ ଏଭଳି କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାକୁ ପ୍ରସ୍ଫୁଟିତ କରିପାରିଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ସଞ୍ଜୟ ଚୌଧୁରୀ ଯୋଗ ଦେଇ ଓଡିଆ ଭାଷା ପାଇଁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ, ଫକିରମୋହନ ସେନାପତିଙ୍କ କଥାକୁ ମନେ ପକାଇବାସହ ଜଗନ୍ନାଥ ଦର୍ଶନ ଏବଂ ଓଡିଆ ସଂସ୍କୃତିରେ ମୟୂରଭଞ୍ଜର ଲୋକ ପରମ୍ପରା, ସଂସ୍କୃତି ଉପରେ ଅନେକ୍ ତଥ୍ୟ ଛାତ୍ରଛାତ୍ରୀଙ୍କୁ ବାଣ୍ଟିଥିଲେ। ମୁଖ୍ୟ ବକ୍ତା ଭାବେ ଓଡିଆ ବିଭାଗର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡ. କୁମୁଦ ଚନ୍ଦ୍ର ସାହୁ ଯୋଗ ଦେଇ ଓଡ଼ିଆ ଭାଷା ଓ ସାହିତ୍ୟ ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯଶିପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମୀଧର ଜେନା ଯୋଗଦେଇ ଭାଷା ହିଁ ଭବିଷ୍ୟତ। ଓଡ଼ିଆ ଭାଷା ଓ ସାହିତ୍ୟ ସହିତ ଓଡ଼ିଆ ସଂସ୍କୃତି ପରମ୍ପରା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ନୋଡାଲ ଅଫିସର ଡ. ଅକ୍ଷୟ କୁମାର ଗିରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଇଂରାଜୀ ବିଭାଗର ମୁଖ୍ୟ ଡ. ଅଜିତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଅଧ୍ୟାପକ ଦିଲ୍ଲୀପ କୁମାର ପ୍ରମାଣିକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଅତିଥିମାନେ ଟ୍ରଫି, ମାନପତ୍ର ଓ ମେଡାଲ ପ୍ରଦାନ କରିଥିଲେ।



**ବିଶୋଇ**: ବିଶୋଇ ବ୍ଲକ ଅନ୍ତର୍ଗତ ମଣଦା ସ୍ଥିତ କଳିଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ -ଓ 'କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ପ୍ରତିଯୋଗିତା ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକ୍ରମ ଆଲୋଚନା ଚକ୍ର ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଶିବଶଙ୍କର ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡିଆ ଭାଷା ସାହିତ୍ୟର ଅଧ୍ୟାପକ ସୁଧାଂଶୁ ଶେଖର ବିଶ୍ୱାଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉଦଯାପନ ଦିବସରେ ଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ଭରତଚନ୍ଦ୍ର ଦାସ ମୁଖ୍ୟବ୍ୟକ୍ତା ଭାବରେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଜଗନ୍ନାଥ ସଂସ୍କୃତି ତଥା ଓଡିଆ ସାହିତ୍ୟ ଉପରେ ବ୍ୟକ୍ତବ ରଖିଥିଲେ। ସାହିତ୍ୟର ରୂପରେଖ ଓ ଭାବଧାରା ଓଡ଼ିଆ ଜାତିକୁ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି ଅଧ୍ୟକ୍ଷ ଶ୍ରୀ ଗିରି କହିଥିଲେ। ଅର୍ଥନୀତି ବିଭାଗର ଅଧ୍ୟାପକ କୁଳମଣି ମହାନ୍ତ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ଛାତ୍ରଛାତ୍ରୀ ମାନଙ୍କର ହସ୍ତାକ୍ଷର, ଓଡ଼ିଆ ପ୍ରବନ୍ଧ, ମାତୃଭାଷାରେ ସ୍ୱତ ଲିଖନ, ଓଡ଼ିଆ ଭଜନ, କବିତା ଆବୃତି, ଓଡ଼ିଆ କ୍ଷୁଦ୍ର ଗଳ୍ପ ପ୍ରତିଯୋଗିତା କରାଯିବା ସହିତ କୃତି ପ୍ରତିଯୋଗିଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରଛାତ୍ରୀ ସମେତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ସାହିତ୍ୟକ, ଶିକ୍ଷାବିତ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।



ଅଳତି ଡିଏନ୍ ହାଇସ୍କୁଲର ବାର୍ଷିକ ଉତ୍ସବ

# ଛାତ୍ରଛାତ୍ରୀଙ୍କ ମାନସିକ ବିକାଶରେ ସହାୟକ ହୁଏ ଉତ୍ସବ

**ଘଷିପୁରା,୩୧ ।୧(ସମିସ)**



ଘଷିପୁରା ବ୍ଲକ୍ ଅଧୀନ ଅଳତି ଦରିଦ୍ର ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ବିବେକାନନ୍ଦ ମଣ୍ଡପରେ ବୁଧବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ପୁଲିସ ଅଧିକାରୀ ପ୍ରଶାନ୍ତ କୁମାର ବେହେରା, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ନକୁଳ ଚରଣ ନାୟକ, ମୁଖ୍ୟବକ୍ତା ଭାବେ ଆନନ୍ଦପୁର କଲେଜର ପୂର୍ବତନ ଅଧ୍ୟକ୍ଷ ରମାକାନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ପ୍ରିୟବ୍ରତ ବରାଳ, ଶିକ୍ଷାବିତ୍ ଘନଶ୍ୟାମ ବୋଇତେଇ ,ସାହିତ୍ୟିକ ରତ୍ନାକର ଦାସ, ପ୍ରାକ୍ତନ ଶିକ୍ଷକ ତଥା ସଂସ୍କୃତି ବିଶାରଦ ଗଙ୍ଗାଧର ପରିଡ଼ା, ସ୍ୱତନ୍ତ୍ର ଅତିଥି ଭାବେ ବସନ୍ତ ମଞ୍ଜରୀ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ସମାଜସେବୀ ଡ. ରତିକାନ୍ତ ବରାଳ, ବରିଷ୍ଠ ଶିକ୍ଷକ ବେଲାଳସେନ ପତି, ସୋମନାଥ ମାଝୀ, ମଦନମୋହନ ବରାଳ, ଗାଁ ମୁରବୀ ସିଦ୍ଧେଶ୍ୱର ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହାସହ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ମାନସିକ ଏବଂ ବୌଦ୍ଧିକ ବିକାଶ ବୃଦ୍ଧିରେ ବାର୍ଷିକ ଉତ୍ସବ ସହଯୋଗ କରେ ବୋଲି ମତ ପ୍ରକାଶ ପାଇଥିଲା । ଅତିଥିଙ୍କ ଗହଣରେ ମୁଖପତ୍ର ଆଳତୀ ଉନ୍ମୋଚିତ ହୋଇଥିଲା । ଡିଏନ ହାଇସ୍କୁଲର ୪ଜଣ ଶିକ୍ଷକ , ଦୁଇ ଛାତ୍ରୀ ଏବଂ ମୋ ସ୍କୁଲ ଅଭିଯାନ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇ ବିଦ୍ୟାଳୟକୁ ଗୌରବାନ୍ୱିତ କରିଥିବାରୁ ଆମେ ସମସ୍ତେ ଗର୍ବିତ ହେବା ସହ ଆମର ହିତ ଗୌରବ ପୁଣି ଫେରି ଆସିଥିବାରୁ କୃତି ଶିକ୍ଷକ ଏବଂ ଛାତ୍ରଛାତ୍ରୀ ତଥା ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ଅଭିନନ୍ଦନ ଦିଆଯାଇଥିଲା । ଶିକ୍ଷୟିତ୍ରୀ ସୁଜାତା ସୁତାର ସଞ୍ଚାଳନ କରିଥିଲାବେଳେ ସରୋଜକାନ୍ତ ମହାପାତ୍ର ଅତିଥି ପରିଚୟ ଦେଇଥିଲେ । ଶିକ୍ଷକ ସ୍ମିତାଞ୍ଜଳୀ ମଲିକ, ପ୍ରଶନ୍ନ ସାହୁ ପୁରସ୍କାର ବିତରଣରେ ସହାୟତା କରିଥିଲେ । ଚଳିତ ବର୍ଷ ବାର୍ଷିକ କ୍ରୀଡ଼ାରେ ଓଁପ୍ରକାଶ ସାହୁ, ଆଦ୍ୟାଶା ବରାଳ ଚାମ୍ପିଅନ ହୋଇଥିଲେ ।

## ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



**ଚମ୍ପୁଆ,୩୧ ।୧(ସମିସ):** ଚମ୍ପୁଆ ଉଚ୍ଚମାଧ୍ୟମିକ ମହିଳା ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଭକ୍ତବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ୧୬ତାରିଖରୁ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ ହୋଇଛି । ଏଥିରେ ଶ୍ରୀ ପ୍ରଧାନ ସମାଜର ନାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଦର୍ଶାଇ ଛାତ୍ରୀମାନେ ନିଜର ସୁରକ୍ଷା ପାଇଁ ନିଜେ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମର ସଂଯୋଜିକା ଅନିତାଜେନା କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଉପାଦେୟତା ଉପରେ ନିଜର ମତ ରଖିଥିଲେ । ଅଧ୍ୟାପିକା କୁନ୍ତଳା ସ୍ୱାଇଁଙ୍କ ସହ ପ୍ରଶିକ୍ଷିକା ଟ୍ରେନର ସାଗରିକା ବେହେରା ଓ ତୁଳସୀ ମୁଣ୍ଡା ଛାତ୍ରୀଙ୍କୁ ଏ ବିଷୟରେ ମାର୍ଗଦର୍ଶନ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ସମସ୍ତ ଅଧ୍ୟପକ, ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ । ଆତ୍ମରକ୍ଷା ପ୍ରଶିକ୍ଷଣ ନେଉଥିବା ସମସ୍ତ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ଜଗନ୍ନାଥ ସଂସ୍କୃତିକୁ ନେଇ ଆଲୋଚନାଚକ୍ର



**କେନ୍ଦୁଝର,୩୧ା୧(ସମିସ):** କେନ୍ଦୁଝର ଜିଲ୍ଲା ସଦର ବ୍ଲକ୍ ଅଧୀନ ରାଇସୁଆଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ଶ୍ରୀଜଗନ୍ନାଥ ସଂସ୍କୃତି, ଧର୍ମ, ପରମ୍ପରା ସମ୍ବନ୍ଧୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧ୍ୟକ୍ଷ ରତୀନ୍ଦ୍ର କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ କରଞ୍ଜିଆ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ଶ୍ରୀ ଜଗନ୍ନାଥ ସଂସ୍କୃତିର ଗବେଷକ ଡ. ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ନୋଡାଲ ଅଫିସର ଡ. ଆଶିଷ କୁମାର ରାଉତ ପ୍ରାରମ୍ଭିକ ବକ୍ତବ୍ୟରେ ଜଗନ୍ନାଥଙ୍କ ସାର୍ବଜନୀନତା କଥା ଦର୍ଶାଇ ଥିଲେ । ବିପିନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

● ବଳରାମପୁର ବଜରଙ୍ଗୀ କ୍ରିକେଟ୍

## ଫକିରପୁରକୁ ହରାଇ ଆମ୍ପରୋ ଚାମ୍ପିଅନ୍

**ଘଷିପୁରା,୩୧ ।୧(ସମିସ):** ଘଷିପୁରା ବ୍ଲକ୍ ବଳରାମପୁର ପଞ୍ଚାୟତ ଖେଳ ପଡିଆଠାରେ ବଜରଙ୍ଗୀ କ୍ରିକେଟ୍ କ୍ଲବ୍ ପକ୍ଷରୁ ଆୟୋଜିତ ହୋଇଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି । ଫାଇନାଲ ମ୍ୟାଚ ଫକିରପୁର ସହ ଯାଜପୁର ଆମ୍ପରୋ କ୍ରିକେଟ୍ ଟିମ ମଧ୍ୟରେ ହୋଇଥିଲା । ଫକିରପୁର ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୧୧ ରନ ସଂଗ୍ରହ କରିଥିଲା, ଏହାର ଜବାବରେ ଯାଜପୁର ଆମ୍ପରୋ ଏକାଦଶ ୭.୫ ଓଭରରେ ମାତ୍ର ୪ ୱିକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିଅନ ହୋଇଥିଲା । ମୁଖ୍ୟଅତିଥି ଭାବେ ଗରିବ ସେବାସଦନର ପ୍ରତିଷ୍ଠାତା ତଥା ସମାଜସେବୀ ଡ. ଶମ୍ଭୁନାଥ ରାଉତ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଅମ୍ପାୟାର ଭାବେ ମାନସ ରାଉତ ଏବଂ ଅଶୋକ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ । ସ୍କୋରର ଦାୟିତ୍ୱରେ ପରେଶ ଜେନା, କୈଳାସପତି ଆଚାର୍ଯ୍ୟ ତୁଲାଇ ଥିବାବେଳେ ଧାରାବିବରଣୀରେ ମାନସ କୁମାର ଆଚାର୍ଯ୍ୟ ଦାୟିତ୍ୱ ସମ୍ପାଦନ କରିଥିଲେ ।

## ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣୀ ଉତ୍ସବ

**ସୋସୋ,୩୧ା୧(ସମିସ):** ହାଟଡ଼ିହି ବ୍ଲକର ଓରାଳି ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଛି । ବୈଠକରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନୀଲ କୁମାର ସିଂଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଓରାଳି ସରପଞ୍ଚ ହରିଶ୍ଚନ୍ଦ୍ର ଜେନା, ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକ ହରିହର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଓରାଳି ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ବିଷ୍ଣୁପଦ ଜେନା, ପୂର୍ବତନ କ୍ରୀଡ଼ା ଶିକ୍ଷକ ସୁଦର୍ଶନ ସେଠୀ, ମୋ ସ୍କୁଲର ସଭାପତି ପ୍ରତାପ ଚନ୍ଦ୍ର ଜେନା, ଏବିଇଓ ସୁରେଶ କୁମାର ଜେନା, ସିଆରସିସି ଆଲୋକ କୁମାର ନାଥ, ଜାମିତିରା ଉ.ପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାକର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷୟିତ୍ରୀ ଜୟଶ୍ରୀ ଜେନା ବିବରଣୀ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ କ୍ରୀଡ଼ାର ଗୁରୁତ୍ୱ ରହିଛି । ଏହା ଶାରୀରିକ ତଥା ମାନସିକସ୍ତରରେ ପ୍ରଭାବ ପକାଇବା ସହିତ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । କ୍ରୀଡ଼ାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରଷ୍କୃତ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ବେହେରା, ଦିବ୍ୟାଭାରତୀ ବେହେରା, ଜିତରନ ବେହେରା, ଗୀତାଞ୍ଜଳି ମଲ୍ଲିକ, ଗଙ୍ଗାଧର ସାହୁ, ନିର୍ମଳ ସେଠୀ, ଅଜୟ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ ।



## ସୋସୋ ଗ୍ରାମରେ ବିଶ୍ୱଶାନ୍ତି ଗୀତାଯଜ୍ଞ ପ୍ରସ୍ତୁତି

**ସୋସୋ, ୩୧ା୧(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ୍ ସୋସୋ ଗ୍ରାମର ୫୫ ତମ ବିଶ୍ୱଶାନ୍ତି ଗୀତାଯଜ୍ଞ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ଯଜ୍ଞ ପାଇଁ କିଭଳି ଆଖପାଖ ଅଞ୍ଚଳରୁ ବହୁ ଲୋକଙ୍କ ସମାଗମ ହେବ ଓ ଶୃଙ୍ଖଳାର ସହିତ କରାଯିବ ସହିତ କେଉଁ ତାରିଖରେ ଯଜ୍ଞ ଓ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ତାକୁ ନେଇ ଯଜ୍ଞ ମଣ୍ଡପ ନିକଟରେ ଏକ ବୈଠକ କମିଟିର ସଭାପତି ରମେଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ବୈଠକରେ ଫେବୃଆରୀ ମାସର ୨୧ ତାରିଖରେ ଅଧିବାସ କଳସ ଆସିବାକୁ ଥିବାବେଳେ ୨୩ ତାରିଖରେ ପୂର୍ଣ୍ଣାହୂତି ହେବ ବୋଲିସ୍ଥିର ହୋଇଥିବାବେଳେ ଅଧିକ ଦୁଇ ଦିନ ଯଜ୍ଞ ଉତ୍ସବ କାର୍ଯ୍ୟକ୍ରମ ଚାଲୁ ରହିବା ପାଇଁ ସ୍ଥିର ହୋଇଛି । ଯଜ୍ଞ ପୂର୍ବରୁ ମନ୍ଦିରରେ ରିତିନୀତି ଅନୁଯାୟୀ ନୂତନ ପତାକା ଫେବୃଆରୀ ୧୪ ତାରିଖ ଲଗାଯିବ । ଏହି ସମୟରେ ସମ୍ପାଦକ ଦିନବନ୍ଧୁ ପହି, କୋଷାଦକ୍ଷ ରବୀନ୍ଦ୍ର ନାଥ ରାଉତ, ବୈଲୋଚନ ନାୟକ, ବସନ୍ତ କୁମାର ଦାଶ, ନାରାୟଣ ଚନ୍ଦ୍ର ରାଉତ, କମଳାକାନ୍ତ ମହାନ୍ତି, କୁଳମଣି ରାଉତ, ଅନାଦି ଚରଣ ନାୟକ, ବସନ୍ତ କୁମାର ମହାନ୍ତି, ରମାକାନ୍ତ ସିଂ, ବିନୋଦ କୁମାର ସିଂ, ପିତବାସ ନାୟକ, ଆନନ୍ଦ ଚନ୍ଦ୍ର ସିଂ, ସୁବାସ ଚନ୍ଦ୍ର ଦାଶ, ଶରତ ରାଉତ, ବିନୋଦ ପହି, ଭୀମସେନ ବେହେରା , ଆନନ୍ଦ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ ।

## ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଉଦ୍‌ଯାପିତ



**ନାରଦପୁର,୩୧ ।୧(ସମିସ):** ଝୁମ୍ପୁରା ବ୍ଲକ୍ ଅଧୀନ ନାରଦପୁର ଠାରେ ଥିବା ମାଗ୍ରାମ୍ୟଶ୍ରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି କାର୍ଯ୍ୟକ୍ରମଉଦ୍‌ଯାପିତ ହୋଇଛି ।ଅଧ୍ୟକ୍ଷସନ୍ତୋଷକୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରିମୁଳି ମହାବିଦ୍ୟାଳୟର ଓଡ଼ିଆ ସଂସ୍କୃତ ବିଭାଗର ପ୍ରାଧ୍ୟାପକ ନବକିଶୋର ମହାନ୍ତ, ମୁଖ୍ୟବକ୍ତା ଭାବେ ରିମୁଳି ମହା ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ରାଜେସ ଦୀପ, ସମ୍ମାନିତ ଅତିଥି ଭାବେ ସମାଜସେବକ ଦାଶରଥି ବାରିକ, ଅଧ୍ୟାପକ ଯଯାତିକେଶରୀ ରାଉତ, ଜୟନ୍ତ ବେହେରା, ରବୀନ୍ଦ୍ରନାଥ ମହାନ୍ତ, ବାଦଲ ବେହେରା, ସୁଶୀଲ ମହାନ୍ତ, ସଞ୍ଜୟ ବାରିକ, ହେମନ୍ତ ବାରିକ ପ୍ରମୁଖ ଯୋଗଦେଇ ସାହିତ୍ୟ, ସଂସ୍କୃତି ଓ ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ ।

## ଆଗପଛ ହୋଇ ଜଳିଲା ଜେଜେ ଓ ନାତିର ଜୁଇ

**ତୁରୁମୁଙ୍ଗା, ୩୧ା୧(ସମିସ):** ଅସୁସ୍ଥ ଜେଜେ ଓ ଜେଜେମା'ଙ୍କୁ ଦେଖିବାକୁ ଆସିବା ସମୟରେ ଦୁର୍ଘଟଣାରେ ଚାଲି ଚାଲିଗଲା ନାତିର ଜୀବନ । ନାତିର ମୃତ୍ୟୁଖବର ଶୁଣି ଚାଲିଗଲା ଜେଜେଙ୍କ ଜୀବନ । ଆଗ ପଛ ହୋଇ ଗାଁ ମଶାଣିରେ ଜଳିଲା ଜେଜେ ଓ ନାତିର ଶବ । ବୁଧବାର ଏଭଳି ଏକ ଦୁଃଖଦ ଓ ହୃଦୟ ବିଦାରକ ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ୍ ତେଣ୍ଡରା ପଞ୍ଚାୟତ ଖିଲାରିପାଟ ନୂଆଗାଁ ଗ୍ରାମରେ । ସୂଚନା ଅନୁସାରେ ଗ୍ରାମର ରାଧୁ ଦେହୁରୀ ଏବଂ ତାଙ୍କ ପତ୍ନୀ ସୁଭଦ୍ରା ଦେହୁରୀ ରୋଗାକ୍ରାନ୍ତ ହୋଇ ଶଯ୍ୟାଶାୟୀ ଥିଲେ । ଜେଜେ ଏବଂ ଜେଜେମାଙ୍କୁ ଦେଖିବା ପାଇଁ ଯୋଡ଼ାରେ ରହି କାମ କରୁଥିବା ଦୁଇ ଭାଇ ବାଇକ୍‌ରେ ଆସୁଥିବା ସମୟରେ ବାରିଆ ଥାନା ଭଣ୍ଡା ନିକଟରେ ଭାରସାମ୍ୟ ହରାଇ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଘଟଣାସ୍ଥଳରେ ସାନଭାଇ ରଞ୍ଜନ ଦେହୁରୀଙ୍କ ମୃତ୍ୟୁ ଘଟିଥିବାବେଳେ ବଡ଼ଭାଇ ବିଜୟ ଦେହୁରୀଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସାନ ନାତିର ମୃତ୍ୟୁ ଖବର ଶୁଣି ଅସୁସ୍ଥ ଜେଜେଙ୍କ ବୁଧବାର ସକାଳୁ ମୃତ୍ୟୁ ଘଟିଥିଲା । ଅନ୍ୟପଟେ ବ୍ୟବଚ୍ଛେଦ ପରେ ନାତିର ଶବ ବୁଧବାର ସଂଧ୍ୟା ରେ ଗାଁରେ ପହଞ୍ଚିବା ପରେ କିଛି ଘଣ୍ଟା ବ୍ୟବଧାନ ମଧ୍ୟରେ ମଶାଣିରେ ଜେଜେ ଓ ନାତିର ଜୁଇ ଜଳିଛି । ଯାହାକୁ ନେଇ ସାରା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ବସ୍‌ରୁ ଖସିପଡ଼ି ଯାତ୍ରୀ ଗୁରୁତର

**ତୁରୁମୁଙ୍ଗା, ୩୧ା୧(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ୪୯ ନମ୍ବର ଜାତୀୟ ରାଜପଥର ଖିରେଇଟାଙ୍ଗିରୀ ଶାଳ ନିକଟରେ ବୁଧବାର ଅପରାହ୍ଣରେ ଚଳନ୍ତା ବସ୍‌ରୁ ଖସିପଡ଼ି ଜଣେ ଯାତ୍ରୀ ଗୁରୁତର ହୋଇଛନ୍ତି । ଗୁରୁତର ଯାତ୍ରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଯାତ୍ରୀ ଜଣକ ହେଲେ ସଦର ଥାନା ଶଙ୍କରପୁର ଗ୍ରାମର ଅନୀଲ କୁମାର ବାରିକ । ସେ କେନ୍ଦୁଝରରୁ ରାଇରଙ୍ଗପୁରକୁ ଯାଉଥିବା ବସ୍‌ରେ କେନ୍ଦୁଝରରୁ ଖିରେଇଟାଙ୍ଗିରୀକୁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣା ପରେ ବସ୍ ଡ୍ରାଇଭର କୌଣସି ଷ୍ଟାଣ୍ଡରେ ଗାଡ଼ିକୁ ନ ରଖି ରାଇରଙ୍ଗପୁରକୁ ପଳାଇ ଥିଲା ।

## ପୁତୁରାର କୋଦାଳ ଚୋଟରେ ଦାଦା, ଖୁଡ଼ି ଗୁରୁତର



**ଘଷିପୁରା,୩୧ ।୧(ସମିସ):** ଘର ବାଡ଼ିରେ କୁକୁଡ଼ା ପଶି ଯିବା ଘଟଣାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ବଚସା ପରେ ସଂଘର୍ଷ ଘଟି ସମ୍ପର୍କୀୟ ପୁତୁରାର କୋଦାଳ ଚୋଟରେ ଦାଦା, ଖୁଡି ଗୁରୁତର ଆହତ ହୋଇ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି । ଘଷିପୁରା ଥାନା ଖାଲିଆମେଣ୍ଟା ପଞ୍ଚାୟତ ଅଧୀନ ମିରିଗିମୁଣ୍ଡି ଗାଁର କୁଳମଣି ପରିଡ଼ାଙ୍କ କୁକୁଡ଼ା ତାଙ୍କ ପଡୋଶୀ ଭାଇ ବରଜୁ ପରିଡାଙ୍କ ବାଡ଼ିରେ ପଶିବାକୁ ନେଇ ଉଭୟ ପରିବାର ଭିତରେ ବଚସା ଏବଂ ଗାଳିଗୁଲଜ ହୋଇଥିଲା । ଏହି ଘଟଣାରେ ବରଜୁଙ୍କ ପୁଅ ରାଜେନ୍ଦ୍ର ଓ ତାଙ୍କ ସ୍ତ୍ରୀ ମିନୁ ଘଟଣାରେ ଉତ୍କ୍ଷିପ୍ତ ହୋଇ ଉଭୟ କୁଳମଣି ଓ ତାଙ୍କ ସ୍ତ୍ରୀ କୁମୁଦୁନିଙ୍କୁ ଏକ କୋଦାଳରେ ମରଣାନ୍ତକ ଆକ୍ରମଣ କରିଥିଲେ,ଏଥିରେ ଦାଦା, ଖୁଡ଼ି ଗୁରୁତର ଆହାତ ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଖବରପାଇ ଘଷିପୁରା ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

**ଚମ୍ପୁଆ, ୩୧ା୧(ସମିସ):** ଦୁଷ୍କର୍ମ ଅଭିଯୋଗରେ ଜଣେ ଯୁବକକୁ ଚମ୍ପୁଆ ପୁଲିସ ଗିରଫ କରିକୋର୍ଟଫରୱାର୍ଡକରିଥିବାଜଣାଯାଇଛି ।ଅଭିଯୋଗଅନୁସାରେଏକସ୍ୱଳ୍ପଦୂରଗାମୀ ବସ୍‌ର ହେଲ୍‌ପର ଭାବେ କାମ କରୁଥିବା ବିଶ୍ୱ ରଞ୍ଜନ ମୁଣ୍ଡା ନାବାଳିକାକୁ ପ୍ରେମ କରିବା ସହ ଶାରୀରିକ ସମ୍ପର୍କ ରଖିଥିଲେ । ବିବାହର ପ୍ରତିଶ୍ରୁତି ଦେଇ ସଂପର୍କ ରଖିଥିବା ବେଳେ ନାବାଳିକା ଜଣକ ବିବାହ କରିବାକୁ କହିବାରୁ ସେ ସିଧା ସଳଖ ମନା କରିଦେଇଥିଲେ । ଫଳରେ ପ୍ରତାରଣା ପାଇ ନାବାଳିକା ଜଣକ ସରପଞ୍ଚଙ୍କୁ ଜଣାଇବା ପରେ ପୁଲିସ ମାମଲା ରୁଜୁ କରି ଯୁବକଙ୍କୁ ଟମକିଆ ଅଞ୍ଚଳରୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ଟ୍ରାକ୍ଟର ତଳେ ଚାପିହୋଇ ଡ୍ରାଇଭର ମୃତ

**ତୁରୁମୁଙ୍ଗା,୩୧ା୧(ସମିସ):** କେନ୍ଦୁଝର ଜିଲ୍ଲା ବାରିଆ ଥାନା ଜ୍ୟୋତିପୁର ବର୍ଦ୍ଧନା ରାସ୍ତାର ବର୍ଦ୍ଧନା ନିକଟରେ ବୁଧବାର ସନ୍ଧ୍ୟାରେ ଏକ ଟ୍ରାକ୍ଟର ଭରସାମ୍ୟ ହରାଇ ବିଲ ଭିତରକୁ ପଶିଯାଇ ଓଲଟି ପଡିବା ଫଳରେ ଘଟଣାସ୍ଥଳରେ ଟ୍ରାକ୍ଟର ତଳେ ଚାପି ହୋଇ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି । ମୃତକ ବର୍ଦ୍ଧନା ଗ୍ରାମର ଈଶ୍ୱର ଖିଲାରଙ୍କ ପୁଅ ସଞ୍ଜୀବ ଖିଲାର । ସେ ଟ୍ରାକ୍ଟର ନେଇ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଟ୍ରାକ୍ଟରଟି ଓଲଟି ପଡ଼ିଥିଲା । ବାରିଆ ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଶିକ୍ଷକ ଅନିରୁଦ୍ଧଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର




**ହାଟଡ଼ିହି/ସୋସୋ,୩୧ ।୧(ସମିସ):** କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ଶିକ୍ଷାମଣ୍ଡଳି ଅଧୀନ ମୁକୁନ୍ଦ ଚରଣ ସରକାରୀ ହାଇସ୍କୁଲ ନନ୍ଦିପଦା ହାଟ ବିଦ୍ୟାଳୟର ଶିକ୍ଷକ ଅନିରୁଦ୍ଧ ସେଠୀ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି । ଶିକ୍ଷକ ଅନିରୁଦ୍ଧଙ୍କ ଘର ହାଟଡ଼ିହୀ ବ୍ଲକ୍ ଜଳକଳଙ୍ଗ ଗ୍ରାମରେ । ପିଲାଟି ଦିନରୁ ତାଙ୍କର ଶିକ୍ଷା ପ୍ରତି ରୁଚି ଆଜି ଛାତ୍ରଛାତ୍ରୀଙ୍କ ପାଇଁ ବରଦାନ ପାଲଟିଥିବା ବେଳେ, ସେ ଶିକ୍ଷା ପ୍ରଦାନରେ ନିଜର କର୍ତ୍ତବ୍ୟ ଅତ୍ୟନ୍ତ ନିଖୁଣତାର ସହ ପ୍ରତିପାଦନ କରିଥିବାରୁ ତାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ପୁରସ୍କୃତ କରାଯାଇଛି ।

## ମା' ତାରିଣୀ କଳାକାର ପରିଷଦର ବୈଠକ

**ସୋସୋ, ୩୧ା୧(ସମିସ):** ହାଟଡିହି ବ୍ଲକ ମା' ତାରିଣି କଳାକାର ପରିଷଦର ତ୍ରୟୋଦଶ ସମ୍ମଳିନୀ ମରେଇଗାଁ ମା'ତାରିଣୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସ୍ଥାୟୀ ସଭାପତି ତଥା ଗାୟକ କେଶରୀ ବାବାଜୀ ଚରଣ ଜେନା, ସମ୍ପାଦକ ରୋହିତ କୁମାର ପୃଷ୍ଟି, ସମ୍ପାଦକ ରମାକାନ୍ତ ସଙ୍ଖୁଆ, କୋଷାଧ୍ୟକ ଅଭିନ୍ନ କୁମାର ଜେନା, ସମବାୟ ସମିତିର ମହାସଂଘର ଉପସଭାପତି ଶରତ କୁମାର ସେଠୀ ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ । ଆସନ୍ତା ୧୭ ଓ ୧୮ ତାରିଖରେ ପରିଷଦର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଏଥିରେ ସ୍ଥିର ହୋଇଛି ।

# ସ୍କାଉଟ୍ସ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଅଧ୍ୟାପକଙ୍କୁ ସେବା ନକ୍ଷତ୍ର ସମ୍ମାନ

**ଆନନ୍ଦପୁର,୩୧ା୧(ସମିସ)**



ସ୍କାଉଟ୍ସ ସେବାକୁ ସାର୍ବଜନୀନକରଣ କରିବା ସହିତ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଏହି ସେବା କାର୍ଯ୍ୟରେ ନିୟୋଜିତ କରାଇ ସମାଜସେବା ପ୍ରତି ମନୋନିବେଶ କରାଇବାରେ ନିରନ୍ତର ଉଦ୍ୟମ ଜାରି ରଖି ବିଭିନ୍ନ ରାଜ୍ୟରୁ ସମ୍ବର୍ଦ୍ଧିତ ହେବା ସହିତ ସେବା ନକ୍ଷତ୍ର ସମ୍ମାନରେ ସମ୍ମାନିତ ହୋଇଛନ୍ତି ଅଧ୍ୟାପକ ବିଜୟ କୁମାର ସାହୁ । ସେ ସଂପ୍ରତି ସ୍କାଉଟ୍ସ ବିଭାଗର ଏକ ଚର୍ଚ୍ଚିତ ଚେହେରା । ତାଙ୍କର ଏପରି କୃତିତ୍ୱ ପାଇଁ ୨୦୨୩ ମସିହା ଗୁରୁ ଦିବସରେ 'ନନ୍ଦିଘୋଷ' ଓ 'ସକାଳ' ପକ୍ଷରୁ ଆୟୋଜିତ ସଭାରେ ତାଙ୍କୁ ମର୍ଯ୍ୟାଦାଜନକ ଗୁରୁବ୍ରହ୍ମା ସମ୍ମାନ ପ୍ରଦାନ କରାଯାଇଥିଲା । କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ରେକୁଟିଆ ଆଞ୍ଚଳିକ ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ ନିଜର ଦାୟିତ୍ୱ ନିର୍ବାହ କରିବା ସହିତ ସ୍କାଉଟ୍ସ ବିଭାଗର ମୁଖ୍ୟଭାବେ ଅତିରିକ୍ତ ଦାୟିତ୍ୱ ନେଇ ମହାବିଦ୍ୟାଳୟର ଗୌରବ ବୃଦ୍ଧି କରିଥିବା ଜଣାଯାଇଛି । ସ୍କାଉଟ୍ସ ବିଭାଗ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ପୂର୍ବତନ ରାଜ୍ୟପାଳ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେଙ୍କ ନିକଟରୁ ୨୦୧୨ ମସିହାରେ ରାଜ୍ୟପାଳ ପୁରସ୍କାର(ସେବା ନକ୍ଷତ୍ର ସମ୍ମାନ) ହାସଲ କରିଛନ୍ତି । ସେହିଭଳି ୨୦୧୧ ମସିହାରେ ରାଜ୍ୟର ଶ୍ରେଷ୍ଠରୋଭର ସ୍କାଉଟ୍ସ ଲିଡର (ବସନ୍ତ ବିଶ୍ୱାଳ ସମ୍ମାନ) ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ତରଫରୁ ତାଙ୍କୁ ପ୍ରଦାନ କରାଯାଇଛି । ୨୦୧୭ ମସିହାରେ ଓଡିଶାରୁ ଏକମାତ୍ର ଅଧ୍ୟାପକ ଜାତୀୟସ୍ତରରେ ମନୋନୀତ ହୋଇ ସୁଦୂର ବଙ୍ଗଳା ଦେଶରେ ଅନୁଷ୍ଠିତ ଅନ୍ତର୍ଜାତିକ ଏସିଆ- ପ୍ରଶାନ୍ତ ମହାସାଗରୀୟ ସ୍କାଉଟ୍ସ ଶିକ୍ଷା ସମ୍ମିଳନୀରେ ଯୋଗଦେଇ ଆମ ରାଜ୍ୟକୁ ସେ ଗୌରବାନ୍ୱିତ କରିଛନ୍ତି । ଏହାବ୍ୟତୀତ ୨୦୧୭ ମସିହାରେ ଯୁବ ରେଡକ୍ରସ୍, କେନ୍ଦୁଝର ଜିଲ୍ଲାର ଶ୍ରେଷ୍ଠ କାଉନ୍‌ସେଲର, ୨୦୧୮ ମିହାରେ ଅତି ଉତ୍ତମ କାଉନସେଲର ଓ ୨୦୧୯ ମସିହାରେ ଶ୍ରେଷ୍ଠ କାଉନସେଲର ଭାବେ ସେ ସମ୍ବର୍ଦ୍ଧିତ ହୋଇଛନ୍ତି । ଏହା ସହିତ ସେ ରାଜ୍ୟସ୍ତରୀୟ ୟୁଟିଆ ଶିକ୍ଷକ ସଂଗଠନ ତରଫରୁ ଶ୍ରେଷ୍ଠ ଅଧ୍ୟାପକ ଭାବେ ସମ୍ମାନିତ ହୋଇଛନ୍ତି । ତାଙ୍କରି ପ୍ରଚେଷ୍ଟା ଯୋଗୁ କୁଶଳେଶ୍ୱର କଲେଜର ଛାତ୍ରୀ ପ୍ରୀତିପ୍ରଜ୍ଞା ପୃଷ୍ଟି ଉତର ଓଡିଶା ବିଶ୍ୱ ବିଦ୍ୟାଳୟର ଇତିହାସ ବିଭାଗରେ ସର୍ବୋଚ ନମ୍ବର ରଖି ସ୍ୱର୍ଣ୍ଣପଦକ ହାସଲ କରିଥିଲେ । ଜଣେ ପ୍ରଶିକ୍ଷକ ଭାବେ ଯୋଗ , ପ୍ରାଣାୟମ, ପ୍ରାଥମିକ ଶିକ୍ଷା, ସ୍କାଉଟ୍ସ ସମ୍ପର୍କରେ ତାଲିମ, ବିପର୍ଯ୍ୟୟ ପ୍ରଶମନ, ସଡ଼କ ସୁରକ୍ଷା, ନୈତିକ ଶିକ୍ଷା ଓ ସଚେତନତା ଆଦି ସମ୍ପର୍କରେ ତାଲିମ ଦେଇ ବେଶ୍ ଉଚ୍ଚ ପ୍ରଶଂସିତ ହୋଇପାରିଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାନ୍ ସଂସ୍କୃତିକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ସେ ସଦା ସର୍ବଦା ଚେଷ୍ଟିତ । ଏହିଭଳି ବିଭିନ୍ନ କାର୍ଯ୍ୟର ଉତ୍କର୍ଷତା ପାଇଁ ରାଜ୍ୟ, ଜାତୀୟ ତଥା ଆନ୍ତର୍ଜାତୀୟସ୍ତରରେ ସମ୍ବର୍ଦ୍ଧିତ କରାଯାଇଛି ।

## କାର୍ ଧକ୍କାରେ ଜଣେ ମୃତ; ଦୁଇ ଆହତ

**ବହଳଦା, ୩୧।୧(ସମିସ):** ଜାମସେଦପୁର-ରାଇରଙ୍ଗପୁର ମୁଖ୍ୟ ସଡକର ତିରିଙ୍ଗ ବ୍ଲକ ସିଙ୍ଗଦି ଛକରେ ମଙ୍ଗଳବାର ସଂଧ୍ୟାରେ ଏକ କାର୍ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ମଙ୍ଗଳବାର ସଂଧ୍ୟାରେ ଏକ ବାଇକରେ ୩ଜଣ ସାଙ୍ଗ ଘରକୁ ଫେରୁଥିବା ବେଳେ ଜାମସେଦପୁର (ଟାଟା) ପଟୁ ଏକ କାର ଦ୍ରୁତଗତିରେ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ୩ଜଣଯାକ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ପରେ ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତିରିଙ୍ଗ ଥାନା ଗିତିଲତା ଗାଁର ରାମ ସୋରେନଙ୍କୁ ମୃତ ଘୋଷଣା କରିଥିଲେ। ଆହତ ଦୁଇଜଣ ମଧ୍ୟରୁ ଜଣେ ହେଲେ ଗିତିଲତା ଗ୍ରାମର ଭୀମ ସୋରେନ ଓ ଝାଡ଼ଖଣ୍ଡ ରାଜନଗର ଥାନା ଚୋକେ ଗ୍ରାମର ଦାମୋଦର ହାଁସଦା। ଉଭୟ ଏବେ ବାରିପଦା ପିଆରଏମ ମେଡିକାଲ କଲେଜରେ ଚିକିତ୍ସାଧୀନ ଅଛନ୍ତି। ଖବର ପାଇ ପୁଲିସ ପହଞ୍ଚି ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ବିଭିନ୍ନ ସ୍ଥାନରେ ଅବକାରୀ ଚଢ଼ଉ

**ଝାରାଡ଼ିହି/ତିରିଙ୍ଗ, ୩୧।୧(ସମସ):** ତିରିଙ୍ଗ ଥାନା ଅନ୍ତର୍ଗତ ବଡପଳସା ପଞ୍ଚାୟତ ସ୍ଥିତ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ୩ ହଜାର ଲିଟର ମହୁଲି ପୋଚ ନଷ୍ଟ କରାଯାଇଛି। ବହଳଦା, ରାଇରଙ୍ଗପୁର ଏବଂ ବିଶୋଇ ଅବକାରୀ ବିଭାଗ ପକ୍ଷରୁ ତିରିଙ୍ଗ ପୁଲିସ୍ ସହଯୋଗରେ ରବିବାର ଚଢଉ କରାଯାଇଥିଲା। ସେହିପରି ବାଗେଡ଼ିଡିହି ଓ ବାଡେପୋଟକାରେ ମଧ ୨ ହଜାର ଲିଟର ଓ ବୁରୁପଳସା ଠାରେ ୮୦୦ ଲିଟର ମହୁଲି ପୋଚ ନଷ୍ଟ କରାଯାଇଛି। ପରେ ବାଡେପୋଟକା ଗ୍ରାମର ବାସି ହେମ୍ବ୍ରମଙ୍କ ଘରୁ ୮୦ ଲିଟର ମହୁଲି ମଦ ଜବତ କରାଯାଇଛି। ଏ ନେଇ ଅବକାରୀ ଥାନାରେ ଏକ ମାମଲା ରୁଜୁ ହୋଇଛି। ତିରିଙ୍ଗ ଥାନା ଅଧିକାରୀ ଇନ୍‌ସପେକ୍ଟର ପ୍ରଶାନ୍ତ କୁମାର ଜେନା ସଦଳବଳ ପହଞ୍ଚି ଚଢଉ କରିଥିଲେ।

### ମୟୂରଭଞ୍ଜ ପରିବହନ ଶ୍ରମିକ ସମନ୍ୱୟ କମିଟିର ବୈଠକ

# ୧୬ରେ ଟ୍ରେଡ୍ ୟୁନିୟନର ଧର୍ମଘଟ ଡାକରା

**ବାରିପଦା, ୩୧।୧(ସମିସ)**

ମୟୂରଭଞ୍ଜ ପରିବହନ ଶ୍ରମିକ ସମନ୍ୱୟ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉଦଳା, କରଞ୍ଜିଆ, ଯଶୀପୁର, ରାଇରଙ୍ଗପୁର, କପ୍ତିପଦା ଟ୍ରାନ୍ସପୋର୍ଟ ୟୁନିୟନର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିବହନ ଆଇନର ପରିବର୍ତ୍ତନ କରି ଗାଡି ଚାଳକ ନିମିତ୍ତ ଏକ ଆଇନ ପାର୍ଲାମେଣ୍ଟରେ ଗୃହୀତ କରାଇଛନ୍ତି। ଯାହାକି ପୂର୍ବରୁ ଗାଡି ଚାଳକଙ୍କ ଦ୍ୱାରା ଦୁର୍ଘଟଣାଗ୍ରସ୍ତ ହୋଇ କେହି ମୃତ୍ୟୁବରଣ କଲେ ତାହା ଯଦି ବିଚାର ବିଭାଗ ଦ୍ୱାରା ବେପରୁଆ ଗାଡି ଚାଳନା ପ୍ରମାଣ ମିଳିଲେ ଗାଡିଚାଳକଙ୍କୁ ଭାରତୀୟ ପିଙ୍ଗଳ କୋଡରେ ୨ ବର୍ଷ ଜେଲ ହେବାର ବ୍ୟବସ୍ଥା ଥିଲା। କିନ୍ତୁ ବର୍ତ୍ତମାନ କେନ୍ଦ୍ର ସରକାର ଏହି ଆଇନକୁ ପରିବର୍ତ୍ତନ କରି ଭାରତୀୟ ନ୍ୟାୟ ସଂହିତାର ୧୦୬(୨) ଧାରାକୁ ଆଇନରେ ପରିବର୍ତ୍ତନ କରିବା ପରେ ଦୁର୍ଘଟଣା ଘଟାଇ ଗାଡି ଚାଳକ କୌଣସି ପୁଲିସ ଷ୍ଟେସନ କିମ୍ବା




କୌଣସି ମାର୍ଜିଷ୍ଟ୍ରେଟଙ୍କୁ ଖବର ନ ଦେଇ ପଳାତକ ହେଲେ ତାକୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ନଚେତ୍ ୭ ଲକ୍ଷ ଟଙ୍କା ଜୋରିମାନା କିମ୍ବା ଉଭୟ ଦଣ୍ଡର ବ୍ୟବସ୍ଥା କରାଯାଇଛି। ତେଣୁ ଆଇନକୁ ବିରୋଧ କରି ଆସନ୍ତା ଫେବୃୟାରୀ ୧୬ ତାରିଖରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଦ୍ୱାରା ସର୍ବଭାରତୀୟ ଧର୍ମଘଟର ଆହ୍ୱାନ ଦିଆଯାଇଛି। ଏ ନେଇ ଏକ ପ୍ରସ୍ତୁତି ବୈଠକ ବାରିପଦା ସଂଘର କାର୍ଯ୍ୟକାରୀ ସଭାପତି ରବି ଗୋସ୍ୱାମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ରଘୁନାଥ ପଣ୍ଡାଙ୍କ ନେତୃତ୍ୱରେ ଏକ ସମନ୍ୱୟ କମିଟି ଗଠିତ ହୋଇଛି। କମିଟିରେ ଅଶୋକ ଭଞ୍ଜଦେଓ, ମନରଞ୍ଜନ ପରିଡ଼ା, ସୁବାସ ଚନ୍ଦ୍ର ତ୍ରିପାଠୀ, ଉଦଳା ୟୁନିୟନରୁ ଗୌରାଙ୍ଗଙ୍କର ବେହେରା, ମନୋରଞ୍ଜନ ମହାନ୍ତି, ପାଞ୍ଚପିଢ଼ ୟୁନିୟନରୁ ଭାଗବତ ପ୍ରସାଦ ଦାସ, ସେକ୍ ସୁଲେମାନ, ରାଇରଙ୍ଗପୁର ୟୁନିୟନରୁ ଦିଲ୍ଲୀପ ବେହେରାଙ୍କୁ ନିଆଯାଇଛି। ପରେ ବାରିପଦା ସଂଘର ସଭାପତି ରଘୁନାଥ ପଣ୍ଡାଙ୍କ ସଭାପତିତ୍ୱରେ ପୌରପାଳିକା ବସଷ୍ଟାଣ୍ଡରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ରବି ଗୋସ୍ୱାମୀ, ଗଙ୍ଗାଧର ସାମଲ, ଅମଳ ଦେ, ଦାଶରଥି ରାଉତ, ଆଶିଷ ଚନ୍ଦ୍ର ଦାସ, ରାଜୁ ପରିଡ଼ା, ସୋମନାଥ ବେହେରା ପ୍ରମୁଖ ଆଗାମୀ ଫେବୃୟାରୀ ୧୬ ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବା ସହିତ ଜନସାଧାରଣଙ୍କୁ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦାଶରଥି ରାଉତ, ଅଶୋକ ବେହେରା, ସନ୍ତୋଷ ଦାସ, ଦିଲ୍ଲୀପ ଦେ, ଯୁଧିଷ୍ଠିର ପାତ୍ର, ସତ୍ୟନାରାୟଣ ବେହେରା, ସତ୍ୟରଞ୍ଜନ ଜେନା ଶ୍ରମିକ ନେତାଙ୍କ ସମେତ ଶତାଧିକ ପରିବହନ କର୍ମଚାରୀ ଓ ସାଧାରଣ ଜନତା ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ଗଙ୍ଗାଧର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ୨ ବାଲି ବୋଝେଇ ହାଇୱା ଜବତ; ୪ ଗିରଫ

**ଝାରପୋଖରିଆ, ୩୧।୧(ସମିସ):** ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅଧୀନ ଜାମଶୋଳାରେ ଗତକାଲି ବିଳମ୍ବିତ ରାତିରେ ପୁଲିସର ଚଢ଼ଉ କରି ଦୁଇଟି ବାଲି ବୋଝେଇ ହାଇୱା, ଗୋଟିଏ ଟ୍ରକ ଓ ଗୋଟିଏ ହିଟାଚି ମେସିନ ଜବତ କରିଛି। ପୁଲିସ ଏଥିରେ ସମ୍ପୃକ୍ତ ଥିବା ୪ ଜଣଙ୍କୁ ଗିରଫ କରିଛି।

## ଜୁଆ ଆଡ୍ଡାରେ ଚଢ଼ଉ; ୪ ଗିରଫ

**କରଞ୍ଜିଆ, ୩୧।୧(ସମିସ):** ମଙ୍ଗଳବାର ଅପରାହ୍ନରେ କରଞ୍ଜିଆ ଥାନା ଅନ୍ତର୍ଗତ କଦାଡ଼ିହା ହାଟରେ କରଞ୍ଜିଆ ପୁଲିସ ତରଫରୁ ଜୁଆ ଆଡ୍ଡାରେ ଚଢଉ କରାଯାଇଛି। ପୁଲିସ ୪ ଜଣ ଜୁଆଡ଼ି ଗିରଫ ହେବା ସହିତ ୧୬, ୩୫୭ ଟଙ୍କା ଓ ଜୁଆ (ଧୂଣ୍ଡିପାଲି ) ଖେଳରେ ବ୍ୟବହୃତ ବିଭିନ୍ନ ସରଞ୍ଜାମ ଜବତ କରିଛି। କରଞ୍ଜିଆ ଏସ.ଡି.ପି.ଓ. ସୁବ୍ରତ କୁମାରଙ୍କ ନେତୃତ୍ୱରେ ଥାନା ଆଇଆଇସି ନିରୋଜ କୁମାର ମଲ୍ଲିକ ଓ ଥାନା କର୍ମଚାରୀ ଅପରାହ୍ନରେ କଦାଡ଼ିହା ହାଟରେ ଚଢ଼ାଉ କରିଥିଲେ। ଶିବୁ ନାୟକ, ନିତ୍ୟାନନ୍ଦ ନାୟକ, ପ୍ରହ୍ଲାଦ ନାୟକ ଓ ରାମେଶ୍ୱର ସୋରେନ ଜୁଆ ଖେଳ କରୁଥିବା ଜଣାପଡ଼ିଥିଲା। ପୁଲିସ ସମସ୍ତଙ୍କୁ ଗିରଫ କରି ଏକ ମାମଲା ରୁଜୁ କରିଛି।

## ଓବିସି ସଚେତନତା ବୈଠକ

**ଚିତ୍ରଡା, ୩୧।୧(ସମିସ):** ମୋରଡା ବ୍ଲକ ଅନ୍ତର୍ଗତ ସୁରେଇଡିହି ପଞ୍ଚାୟତର ଚାକୁଣ୍ଡାପଦା ଗ୍ରାମରେ ପଛୁଆବର୍ଗ ସଂଘର୍ଷ ମଞ୍ଚର ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର୍ଷ ମଞ୍ଚର ଜିଲ୍ଲା ସଭାପତି ନରେନ୍ଦ୍ର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଧ୍ୟାପକ ଗୋପବନ୍ଧୁ ମାର୍ଗଦର୍ଶକ ଭାବେ ଯୋଗ ଦେଇଥିଲେ। ବୈଠକରେ ଓବିସିଙ୍କ ସାମ୍ବିଧାନିକ ଅଧିକାର ଉପରେ ଆଲୋଚନା ହେବା ସହିତ ଅଙ୍ଗୀକାରବଦ୍ଧ ନେତୃତ୍ୱର ବିକାଶ ଅତ୍ୟନ୍ତ ଜରୁରୀ ବୋଲି ଆଲୋଚନା ହୋଇଛି। ଓବିସିଙ୍କୁ ଚାକିରି, ଶିକ୍ଷା ଓ ରାଜନୀତିରେ ୨୭% ସଂରକ୍ଷଣ ଆଦି ଦାବି ହୋଇଛି।

## ଶ୍ରୀହନୁମାନ ମନ୍ଦିର ଭୂମି ପୂଜନ ଉତ୍ସବ ଉଦ୍‌ଯାପିତ

**କରଞ୍ଜିଆ, ୩୧।୧(ସମିସ):** କରଞ୍ଜିଆ ବ୍ଲକ ଅନ୍ତର୍ଗତ ଚିତ୍ରପୋଷି (ପୁରୁଣା ସାହି) ଗ୍ରାମରେ ଶ୍ରୀ ହନୁମାନ ମନ୍ଦିରର ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ନିମନ୍ତ୍ରିତ ଅତିଥି ଭାବେ ପୂର୍ବତନ ବିଧାୟକ ଫବିଜୟ କୁମାର ନାୟକ ଓ ଚିତ୍ରପୋଷି ପଞ୍ଚାୟତର ସମିତି ସଭ୍ୟା ନମିତା ପଲେଇ ଯୋଗଦାନ କରି ପୂଜାର୍ଚ୍ଚନାରେ ଅଂଶ ଗ୍ରହଣ କରିଥିଲେ। ଶହ ଶହ ଶ୍ରଦ୍ଧାଳୁଙ୍କ ଶଙ୍ଖ ହୁଳହୁଳି ସମେତ ଜୟ ହନୁମାନ ଧ୍ୱନିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପୂଜା ପରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ଓଡ଼ିଆ କବି ସମ୍ମିଳନୀ

**ଠାକୁରମୁଣ୍ଡା, ୩୧।୧(ସମିସ):** ଠାକୁରମୁଣ୍ଡା ମିଶନ ଶକ୍ତି ଆନୁକୂଲ୍ୟରେ ଏକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କବି ସମ୍ମିଳନୀରେ ୩୦ଜଣ ମହିଳା ସ୍ୱରଚିତ କବିତା ପାଠ କରିଥିଲେ। ୫ ଜଣ ବିଚାରକ ସେମାନଙ୍କ ପ୍ରତିଭାର ମୂଲ୍ୟାୟନ କରିଥିଲେ। ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କବିତା ଆବୃତ୍ତି କରିଥିଲେ। କାର୍ଯ୍ୟକ୍ରମରେ ବିଡ଼ିଓ ମନୋଜ କୁମାର କାର୍ଜି, ସିଡିପିଓ ପ୍ରେମଲତା ସେଠୀ. ଅଧ୍ୟାପକ ଡ଼. ପ୍ରକାଶ କୁମାର ତ୍ରିପାଠୀ, ସାହିତ୍ୟିକ ଦେବେନ୍ଦ୍ର ନାୟକ ଏବଂ ଶରତ ତ୍ରିପାଠୀ ଯୋଗଦେଇ ମୂଲ୍ୟାୟନ କରିଥିଲେ। କୁମୁଦିନୀ ପତି (ପ୍ରଥମ), କୁନ୍ତିଲତା ମହାନ୍ତ (ଦ୍ୱିତୀୟ) ଏବଂ ପଦ୍ମାବତୀ ସିହ୍ନା (ତୃତୀୟ) ସ୍ଥାନ ପାଇଥିଲେ। ସମସ୍ତ ୩୦ଜଣ ପ୍ରତିଯୋଗୀଙ୍କୁ ବିଭାଗ ପକ୍ଷରୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା।

## ଏମକେସି ଉଚ୍ଚ ବିଦ୍ୟାଳୟ ଆଲୁମିନିକୁ ମିଳିଲା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ବାରିପଦା, ୩୧।୧(ସମିସ):** ବାରିପଦାର ଏମକେସି ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ (ଆଲୁମିନି)କୁ ମିଳିଛି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' କାର୍ଯ୍ୟକ୍ରମରେ ମାନପତ୍ର ପ୍ରଦାନ କରାଯାଇଛି। ବୁଧବାର ଭୁବନେଶ୍ୱରଠାରେ କଳିଙ୍ଗ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ମାନପତ୍ର ଗ୍ରହଣ କରିଛନ୍ତି। ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟ ଶିକ୍ଷା ସହ ଜଡ଼ିତ ସମସ୍ତଙ୍କୁ ପ୍ରୋତ୍ସାହିତ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହିପରି ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ଦେଶରେ ପ୍ରଥମଥର ପାଇଁ ଏହିପରି କାର୍ଯ୍ୟକ୍ରମ ଆୟୋଜନ ହୋଇଛି।

ବ୍ୟକ୍ତିଗତ ଯୋଗଦାନ ଠାରୁ ଆରମ୍ଭ କରି ସାଂଗଠନିକ ଉଦ୍ୟମରେ ଶିକ୍ଷା କ୍ଷେତ୍ରକୁ ଅନନ୍ୟ ସୋପାନକୁ ନେଇଥିବା ପୁରସ୍କୃତ କରିବା ପାଇଁ ଏମକେସି ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦକୁ ବଛାଯାଇଥିଲା। ୨୦୨୩-୨୪ଶିକ୍ଷା ବର୍ଷରେ ବିଦ୍ୟାଳୟର ଶିକ୍ଷା କ୍ଷେତ୍ରରେ ସାଧନା, ଦୃଢ଼ ନିଷ୍ଠା, ଏକାଗ୍ରତାର ସହ ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ପ୍ରତିପାଦନ କରିଥିବାରୁ ପୁରସ୍କୃତ କରାଯାଇଛି। ମୋ ସ୍କୁଲ୍ ଅଭିଯାନ ପରିଚାଳନା ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ଜଙ୍ଗଲ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ ଅଶ୍ୱତି ଏସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ରାଜ୍ୟସ୍ତରୀୟ କବାଡ଼ି ଚାମ୍ପିଅନ୍‌ସିପ୍ ପାଇଁ ମୟୂରଭଞ୍ଜ ଦଳ ମନୋନୀତ



**ବାରିପଦା, ୩୧।୧(ସମିସ):** କଟକ ଜବାହରଲାଲ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ୭୧ତମ ରାଜ୍ୟ ସ୍ତରୀୟ ପୁରୁଷ ଓ ମହିଳା କବାଡି ଚମ୍ପିୟାନସିପ -୨୦୨୪ରେ ମୟୂରଭଞ୍ଜର ଉଭୟ ଦଳ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଛି। ପୁରୁଷ ଦଳରେ ମିହିର ରଞ୍ଜନ ବେହେରା, ଆୟୁଷ ଦଣ୍ଡପାଟ, ମାନସ ମହାପାତ୍ର, ଉଦୟ ନାଥ କର, ସପନ କୁମାର ସାହୁ, ମନୋଜ କୁମାର ଦାସ, ସୌରଭ ଦାସ, ଗୀତଗୌରବ ଚୌଧୁରୀ, ବିକ୍ରମ ସାହୁ, ଅଙ୍କିତ କୁମାର ବେହେରା, ଲକ୍ଷ୍ମୀଧର ବାଗ, ସାଇନାଥ ମହାରଣା ଏବଂ ମହିଳା ଦଳରେ ଦିପାଲି ସିଂ, ସୁମିତ୍ରା ସୋରେନ, ଅନାମିକା ସିଂ, ପ୍ରୀତି ପିପାସା ଅହଦର, କାଞ୍ଚନ ଟୁଡୁ, ମିତାଲି ମାଝୀ, ଠାକୁରମଣି ସିଂ, ଗୌରୀ ବାସ୍କେ, ରାନୁ ମୁର୍ମୁ, ଅନିଶା ଦାସ, ମାହି ସୋରେନ ଓ କୁମୁଦିନୀ ହେମ୍ବ୍ରମ ପ୍ରମୁଖ ସ୍ଥାନ ପାଇଛନ୍ତି ଓ ପୁରୁଷ ଦଳର ମାନସ ରଞ୍ଜନ ବେହେରା ଓ ମହିଳା ଦଳର ସୋନାଲିକା ବେହେରା କୋଚ ଏବଂ ମ୍ୟାନେଜର ଭାବେ ଦଳ ସହ ଗସ୍ତ କରିବେ ଓ ମହିଳା ଦଳ ପ୍ରଥମ ଥର ପାଇଁ ଏହି ଚାମ୍ପିୟନସିପରେ ଅଂଶ ଗ୍ରହଣ କରୁଛନ୍ତି ବୋଲି କବାଡି ସହ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ପ୍ରକାଶ କରିଛନ୍ତି। ଆଜି ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା ଓ ଦୌଲତ ଚନ୍ଦ୍ରକରଙ୍କ ସମେତ ଉପ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତି, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ସହସମ୍ପାଦକ ବୈଦ୍ୟନାଥ ରଥ, ଅମ୍ବିକା ରାଉତ, ଅଶୋକ ପଟ୍ଟନାୟକ, ରବୀନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଶୁଭକାମନା ଜଣାଇଛନ୍ତି।

## ଧନଚତ୍ରିରେ ମାଘବୋଙ୍ଗା ପର୍ବ ପାଳିତ



**କପ୍ତିପଦା, ୩୧।୧(ସମିସ):** କପ୍ତିପଦା ବ୍ଲକ ଲାବଣ୍ୟଦେଇପୁର ପଞ୍ଚାୟତ ଧନଚତ୍ରି ଗ୍ରାମରେ ମାଘବୋଙ୍ଗା ପର୍ବ ପାଳିତ ହୋଇଯାଇଛି। ବିଧି ଅନୁସାରେ ପ୍ରତ୍ୟେକ ଘରୁ ମୁଠାଏ ଚାଉଳ ଓ ଗୋଟିଏ କକୁଡା ଦିଆଯାଏ। ଏହି ପର୍ବଦିନ ସକାଳୁ ଗ୍ରାମବାସୀ ଏକତ୍ରିତ ହୋଇ ଗ୍ରାମଦେବୀଙ୍କ ପୀଠରେ ଉପସ୍ଥିତ ରୁହନ୍ତି ଏବଂ ଗ୍ରାମର ପୂଜକ ମାଝିବାବାଙ୍କ ନିର୍ଦ୍ଦେଶରେ ପରମ୍ପରା ଅନୁଯାୟୀ ପୂଜାପାଠ କରାଯାଏ। କୁକୁଡା ପୂଜାକରି ମା'ଙ୍କୁ ଭୋଗସ୍ୱରୂପ ଅର୍ପଣ କରାଯାଏ। ଖେଚୁଡ଼ି ଭାତ ଭୋଗଲାଗି ହୁଏ। ଆଦିବାସୀମାନେ ବିଶେଷ କରି ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏହି ପୂଜା ପୂର୍ବରୁ କେହି ଜଙ୍ଗଲରୁ କିଛି ଜିନିଷ ସଂଗ୍ରହ କରି ନ ଥାନ୍ତି। ମା'ଙ୍କୁ ସନ୍ତୁଷ୍ଟ କଲାପରେ କରିବା ପରେ ଜଙ୍ଗଲ ପ୍ରବେଶ ପାଇଁ ଅନୁମତି ମିଳେ। ସମସ୍ତେ ଏକତ୍ରିତ ହୋଇ ମାଙ୍କ ନିକଟରେ ଅର୍ପଣ କରାଯାଇଥିବା ପ୍ରସାଦ ସେବନ କରି ପରମ୍ପରା ଆନୁଯାୟୀ ନାଚଗୀତର ମଜା ଉଠାଇଥାନ୍ତି।

## ବାମନଘାଟି ଉପଖଣ୍ଡ ପକ୍ଷରୁ ସହୀଦ ଦିବସ ପାଳିତ

**ରାଇରଙ୍ଗପୁର, ୩୧।୧(ସମିସ):** ବାମନଘାଟି ଉପଖଣ୍ଡ ପ୍ରଶାସନ ତରଫରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ତଥା ଭାରତର ସ୍ୱାଧୀନତା ପାଇଁ ଯେଉଁ ମହାମନୀଷୀ ଗଣ ଦେଶମାତୃକା ପାଇଁ ତାଙ୍କ ପ୍ରାଣବଳି ଦେଇଥିଲେ ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସହୀଦ ଦିବସ ପାଳନ ହୋଇଯାଇଛି। ପ୍ରାରମ୍ଭରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି ଦିବସ ପାଳନର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସହକାରୀ ଜିଲ୍ଲାପାଳ ରମେଶ ଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଦେଶ ପାଇଁ ପ୍ରାଣ ବଳି ଦେଇଥିବା ମହାପୁରୁଷମାନଙ୍କ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ସେକ୍ସନ ଅଧିକାରୀ ଉମାକାନ୍ତ ପାତ୍ର, ଏସଆରଏ କେଶବ ନାୟକ, ଚାମରୁ ବେସ୍ରା, ଏସଆରଏ ପ୍ରସାଦ ବେହେରା, ଜେଆରଏରେବତୀମୁର୍ମୁ, ପ୍ରିୟଙ୍କାଗୁପ୍ତା, ଡିଇଓଦୁର୍ଗାଦାଶ, ବିଶରାନ୍ତ କେଶରୀ ସିଂ ଓ ସଞ୍ଜୀବ ଗିରି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଏମ୍‌ଡିସି କପ୍ କ୍ରିକେଟ; ସେମିରେ ଷ୍ଟାର

**କରଞ୍ଜିଆ, ୩୧।୧(ସମିସ):** କରଞ୍ଜିଆ ମିଳନ ପଡ଼ିଆ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ଚାଲିଥିବା ଚତୁର୍ଥ ଏମଡିସି କପ କ୍ରିକେଟ ପ୍ରତିଯୋଗିତାର ଆଜି ଥିଲା ଚତୁର୍ଥ ଦିବସ। ଆଜି ୪ଟି ଦଳକୁ ନେଇ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ଷ୍ଟାର କ୍ଲବ ବନାମ କ୍ରିଷନ ଏକାଦଶ ଶୁକୃଳି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଷ୍ଟାର କ୍ଲବ ବିଜୟୀ ହୋଇ କ୍ୱାଟରକୁ ଉନ୍ନୀତ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚଭାବେ ବିକାଶଙ୍କୁ ଠାକୁରମୁଣ୍ଡା ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ଆରକେ ଏକାଦଶ ବନାମ ଆଜାଦ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଆରକେ ଏକାଦଶ ବିଜୟୀ ହୋଇ କ୍ୱାଟର ଖେଳିବାକୁ ଯୋଗ୍ୟତା ହାସଲ କରି ଷ୍ଟାର କ୍ଲବ ଭେଟିଥିଲା। କ୍ୱାଟର ଫାଇନାଲରେ ଷ୍ଟାର କ୍ଲବ ବନାମ ଆରକେ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆରକେ ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ଖେଳି ୭ ଉଇକେଟ ହରାଇ ୯୭ ରନ କରି ପ୍ରତିପକ୍ଷ ଦଳ ଷ୍ଟାର କ୍ଲବକୁ ୯୮ ରନର ବିଜୟ ଲକ୍ଷ୍ୟ ପାଇଁ ଟାର୍ଗେଟ ଦେଇଥିଲା। ଏଥିରେ ଷ୍ଟାର କ୍ଲବ ବିଜୟ ହୋଇଥିଲା। ଷ୍ଟାର କ୍ଲବ ୫ ଓଭର ୫ଟି ବଲ ଖେଳି ୧ ଉଇକେଟ ହରାଇ ୯୮ ରନ ସଂଗ୍ରହ କରି ସେମି ଖେଳିବାକୁ ଯୋଗ୍ୟତା ହାସଲ କରିଛି। ଆଜିର ଖେଳରେ ବରିଷ୍ଠ ଖେଳାଳି ଜୟନ୍ତ ମହାନ୍ତ, ଟୁଟୁ ମେହେର, ସୁରେନ୍ଦ୍ର ନାୟକ, ସନ୍ତୋଷ ଦାସ, କାବୁଲ ଚନ୍ଦ୍ର ରାଉଳ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଜିଲ୍ଲା କୃଷକ ମହାସଂଘର ସମାବେଶ



**ଖୁଣ୍ଟା, ୩୧।୧(ସମିସ):** ଖୁଣ୍ଟା ବ୍ଲକ ଲକ୍ଷ୍ମଣସାହି ପଞ୍ଚାୟତ ଅରିକୁଳ ଡ୍ୟାମରେ ମୟୂରଭଞ୍ଜ ଜିଲ୍ଲା କୃଷକ ମହାସଂଘର ଏକ ସମାବେଶ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲ୍ଲା ସଭାପତି କମଳାକାନ୍ତ ମହାକୁଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଘର ଉପଦେଷ୍ଟା ଲୋକନାଥ ଚୌଧୁରୀ, ଜିଲ୍ଲା ସମ୍ପାଦକ ରବୀନ୍ଦ୍ର ଶତପଥୀ, ଉପସଭାପତି ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅମର ସିଂ ସୋରେନ, କୋଷାଧ୍ୟକ୍ଷ ତଥା ପୂର୍ବତନ ସାମରିକ କର୍ମଚାରୀ ଜୟଦୀପ ସାହୁ, ବ୍ଲକ ସଂଯୋଜକ ଶକ୍ତିପଦ ପାତ୍ର, କୁଶଳଦା ପଞ୍ଚାୟତ ସଭାପତି ପରମାନନ୍ଦ ବେହେରା ପ୍ରମୁଖ ଯୋଗଦେଇ କୃଷି ଓ କୃଷକର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପିଢ଼ି ପରେ ପିଢ଼ି ଚାଷକାର୍ଯ୍ୟ କରିଆସୁଥିଲେ ମଧ୍ୟ ଆର୍ଥିକ ବିକାଶ ହୋଇପାରୁନାହିଁ। ଫଳରେ ଚାଷୀ ବିଭିନ୍ନ ସ୍ତରରେ ଅବହେଳିତ ଓ ଶୋଷଣର ଶିକାର ହେଉଛି ବୋଲି ଅତିଥିମାନେ ଅଭିଯୋଗ କରିଥିଲେ। ତେଣୁ କୃଷି ଓ କୃଷକର ବିକାଶ ପାଇଁ ଏକ ଆନ୍ଦୋଳନର ଆବଶ୍ୟକତା ରହିଛି ବୋଲି ସଂଗଠନର ନେତୃଗଣ ଆହ୍ୱାନ ଦେଇଥିଲେ। ଏହି ସମାବେଶରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ କୃଷକ ଯୋଗଦେଇଥିଲେ।

## ନୂଆଗାଁରେ ବାର୍ଷିକ କ୍ରୀଡ଼ା ଓ ନୃତ୍ୟ ପ୍ରତିଯୋଗିତା

**ରାଇରଙ୍ଗପୁର, ୩୧।୧(ସମିସ):** ରାଇରଙ୍ଗପୁର ସହର ନିକଟ ନୂଆ ଗାଁ ତ୍ରିବେଣୀ ଯୁବକ ସଂଘ ତରଫରୁ ୪୨ତମ ବାର୍ଷିକ କ୍ରୀଡା ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାପରେ ଆଦିବାସୀ ଲୋକନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର କୁଡୁମୀ ସମାଜ, ସମ୍ପାଦକ ମନୋଜ କୁମାର ମହାନ୍ତ ଓ ୱାର୍ଡ ନଂ ୮ କାଉସିଲର ସୁଫଲ ଚନ୍ଦ୍ର ମହାନ୍ତ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ତ୍ରିବେଣୀ ଯୁବକ ସଂଘ ସଭାପତି ଉତ୍ତମ କୁମାର ମହାନ୍ତ, ଉପସଭାପତି ଶୈଳେନ୍ଦ୍ର କୁମାର ମହାନ୍ତ, ସମ୍ପାଦକ ବାପି ମହାନ୍ତ, ସହସମ୍ପାଦକ ପ୍ରଭାତ କୁମାର ମହାନ୍ତ, କୋଷାଧ୍ୟକ୍ଷ ବାସୁ ସର୍ଦ୍ଦାର, ଉପଦେଷ୍ଟା ମଣ୍ଡଳୀ ଭାବେ ସନ୍ତୋଷ କୁମାର ମହାନ୍ତ, ଜ୍ୟୋତି ପ୍ରକାଶ ମହାନ୍ତ, ବିଜୟ କୁମାର ମହାନ୍ତ, ତପନ କୁମାର ମହାନ୍ତ, ସହାୟକ ଭାବେ ପ୍ରକାଶ ମହାନ୍ତ ଓ କ୍ରିଷ୍ଣା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## କଲେଜ ପ୍ରତିଷ୍ଠାତାଙ୍କ ସ୍ମୃତିରେ ରକ୍ତଦାନ ଶିବିର

**ଉଦଳା, ୩୧।୧(ସମିସ):** କୁଣ୍ଡାବାଇ ଆରଡିଏସ୍ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ରୋହିଦାସ ସୋରେନଙ୍କ ୨୩ତମ ଶ୍ରାଦ୍ଧୋତ୍ସବ ଅବସରରେ ଯୁବ ରେଡ୍‌କ୍ରସ୍ ଓ ଏନ୍.ଏସ୍.ଏସ୍‌ର ମିଳିତ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ କଲେଜ ପରିସରରେ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରି, ଉଦଳା ରକ୍ତ ଭଣ୍ଡାରର ଡାକ୍ତର ଖଗେଶ୍ୱର ସିଂହ, +୨ ଅଧ୍ୟକ୍ଷ ଅରବିନ୍ଦ ମୁଦୁଲି ପ୍ରମୁଖ ସ୍ୱର୍ଗତ ରୋହିଦାସ ସୋରେନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରିଥିଲେ। ରକ୍ତଦାନ ଶିବିରରେ ମୋଟ ୬୧ ୟୁନିଟ୍ ସଂଗୃହୀତ ହୋଇଥିଲା। ଶିବିରକୁ ଯୁବ ରେଡ୍‌କ୍ରସ ସଂଯୋଜକ ଅଧ୍ୟାପକ ରାଜେଶ କୁମାର ରାଉତରାୟ, ଡ. ଜୟନ୍ତ କୁମାର ମହାପାତ୍ର, ଡ. ହିମାଂଶୁ ଶେଖର ସାହୁ, ଲେଡି କାଉନସିଲର ଡ. ଦିବ୍ୟାରାଣୀ ତ୍ରିପାଠୀ, ଏନ୍ ଏସ୍ ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଓମ ପ୍ରକାଶ ସତପଥୀ, ଯାଜ୍ଞସେନୀ ବେହେରା, ଅଧ୍ୟାପକ ଦିଲ୍ଲୀପ କୁମାର ପ୍ରାମାଣିକ, ଶୁଭକନ୍ତ ସାହୁ, ମହେନ୍ଦ୍ର ବିନ୍ଧାଣୀ, ସୁବ୍ରତ କୁମାର ବେହେରା, ମଧୁସ୍ମିତା ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ। ରକ୍ତ ଭଣ୍ଡାରର ଲାବୋରଟୋରୀ ଟେକ୍ନିସିଆନ୍ ଶ୍ରବଣ କୁମାର ବେହେରା, କୃଷ୍ଣଚନ୍ଦ୍ର ମାର୍ଣ୍ଡି, ଅବିନାଶ କର, ଆଟେଣ୍ଡାଣ୍ଟ ମାନସ ରଞ୍ଜନ ମହାନ୍ତି, ରାଜେନ୍ଦ୍ର ନାଥ ସିଂ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।




### ଉଦଳା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ

# ନାରୀଶିକ୍ଷା ହିଁ ଦେଶ ପ୍ରଗତିର ବାସ୍ତବ ରୂପାନ୍ତର

**ଉଦଳା, ୩୧।୧(ସମିସ)**

କପ୍ତିପଦା ଉପଖଣ୍ଡ ସଦର ମହକୁମା ଉଦଳା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅନୁଜା ମାଧୁରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନଗରପାଳ ପ୍ରମିଳା ପଣ୍ଡା ଯୋଗ ଦେଇ ଶିକ୍ଷାରେ ନାରୀଙ୍କ ଭାଗିଦାରୀ ଅଧିକ ହେଲେ ସାମାଜିକ ବ୍ୟବସ୍ଥା ଠିକମାର୍ଗରେ ଚାଲିପାରିବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ଼ ଅନାଦି ଚରଣ ଗାଁଣ ନାରୀ ସଶକ୍ତିକରଣ ଓ ନାରୀ ଶିକ୍ଷା ହିଁ ଦେଶ ଓ ସମାଜ ପ୍ରଗତିର ବାସ୍ତବ ରୂପାନ୍ତର ବୋଲି



କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଉଦଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ନୀତିଶ କୁମାର ଘୋଷ, କପ୍ତିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପକ କୁମାର ମିଶ୍ର ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରେନ୍ଦ୍ର ନାଥ ପୃଷ୍ଟି ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ ତଥା ଶିକ୍ଷାରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ମମତା ଶତପଥୀ, ରୀତା ରାଉତ, ସାସ୍ୱତୀ ଜେନା, ନିବେଦିତା ସିଂ, ବାସନ୍ତୀ ସାହୁ, ନିରୋଜା ବାସୀନି ସଦୁଆଲ, ଦୀପାଲି ଦୀପିକା ବେହେରା, ଫୁଲମଣୀ ମାଝୀ, ବାବୁରାମ ଜେନା, ଭାଗ୍ୟରବୀ ସାହୁ, ସୁବ୍ରତ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

